সোনা বাজার

୫ମ ବର୍ଷ ୧୦ମ ସଂଖ୍ୟା   ମଇ ୧୯୭୧

ନିର୍ବାଚନ

ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର

ଶ୍ରେଣୀରେ ଆମେ ବାଛିଲୁଁ ଯେବେ ଆମର ପ୍ରତିନିଧି
ପ୍ରାର୍ଥୀ ହେଲେ କରୁଣା କର, ମନୁଆ ଆଉ ନିଧି ।

"ହେଡ଼୍ ମାଷ୍ଟ୍ର ପୁଅଟି ମୁହିଁ" କରୁଣା କହି ବୁଲେ,
"ସବୁ ସୁବିଧା କରାଇ ଦେବି ମୋତେ ଭୋଟ୍ ଦେଲେ ।"

ନ ଜାଣେ କିଏ କରୁଣା ଗୁଣ ଦୁଷ୍ଟ ସରଦାର୍
ମାଡ଼ ଗାଳିକୁ ଖାତିର ନାହିଁ ଲଗାଏ ଧରମାର୍ ।

ଖେଳୁଆ ମନୁ ଭୁଲାଇ କହେ, "ମୋତେ ଦେବ ଭୋଟ୍,
ଜିଣିଲେ ଦେବି ଚକ୍‌ଲେଟ୍, ଦେବି ବିସ୍କୁଟ୍ ।"

Deb's Library Corner...

ନଧିଟି ଅତି	ଗରବ ହିନା	ପାଠରେ ନୁହେଁ ହୀନ
ସରଳ ପିଲା	ସବୁରି ପ୍ରିୟ	ମହତ ତା'ର ମନ ।
ବିନୟ ଭରେ	କହିଲା ନଧି,	"ତୁମର ସେବାପାଇଁ
ଯୋଗ୍ୟ ଯେବେ	ଭାବୁଛ ମୋତେ	ଭୋଟ୍ ଦେବ ଭାଇ ।"
ନିର୍ବାଚନ	ହୋଇଲା ଶେଷ	ନଧିର ହେଲା ଜୟ
କରୁଣା ଆଉ	ମନୁଆ ଲାଗି	କଲେନି କେହି 'ହାୟ' ।
ଭଲ ମଣିଷ	କରିବେ ସିନା	ଦେଶର ଭଲ କାମ
ଦୁଷ୍ଟ ଲୋକେ	ବୁଡ଼ାଇ ଦେବେ	ଦେଶ ଓ ଜାତି ନାମ ।



ଅହଙ୍କାରୀ ରାଜା

ଶ୍ରୀ ରାଜେନ୍ଦ୍ର ବର୍ମା

ବହୁ ପୁରାତନ କାଳରେ ମାଳବ ଦେଶର ଅବନ୍ତୀ ନଗରରେ ଜଣେ ରାଜା ରାଜୁତି କରୁଥିଲେ । ସେ ଏପରି ଏକଜିଦିଆ ଓ ଅହଙ୍କାରୀ ଥିଲେ ଯେ, ଯା'ଇଚ୍ଛା କରୁଥିଲେ । ଏପରି କରିବାରୁ ରାଜ୍ୟର ପ୍ରଜାମାନେ ଦୁଃଖକଷ୍ଟ ପାଉଥିଲେ ଓ ସେମାନଙ୍କର ମାନସମ୍ମାନ ରହୁ ନ ଥିଲା । ସେଇଥିପାଇଁ ସାଧୁ ସନ୍ଥ ଲୋକେ ରାଜଦ୍ଵାରରେ ଅପମାନ ଭୟରେ ସଙ୍କିତ ହୋଇ ରହିଥିଲେ ।

ରାଜାଙ୍କର ଏପରି ବିଶାସ ଥିଲା ଯେ—ସେ ଏକା ବୁଦ୍ଧିମାନ୍ ଓ ସମସ୍ତଙ୍କର ସମ୍ମାନର ପାତ୍ର । ଆଉ ଗୋଟାଏ ଦୋଷ ଥିଲା ଯେ କାହାର କିଛି ଭଲ ଜିନିଷ ଦେଖିଲେ ନିଜ ଧନ ଭଣ୍ଡାରରେ ନେଇ ରଖୁଥିଲେ । ପ୍ରଜାମାନେ ଅସନ୍ତୁଷ୍ଟ ହୋଇ ରାଜାଙ୍କର ସମାଲୋଚନା ଗୁପ୍ତରେ କରୁଥିଲେ ।

ଦିନେ ପୁଣ୍ୟତିଥି ଥିଲା । ସେଦିନ ପ୍ରଭାତ କାଳରେ ଅବନ୍ତୀ ନଗରର ଜଣେ ଦରିଦ୍ର ବ୍ରାହ୍ମଣ ପୁଣ୍ୟତୋୟା ଶିପ୍ରା ନଦୀରେ ସ୍ନାନ କରି ବାଳ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଥିଲା । ଏହି ସମୟରେ ତା' ନିକଟ ଦେଇ ନଦୀ ସ୍ରୋତରେ ବଡ଼ ଶାମୁକାଟିଏ ଭାସି ଯାଉଥିବାର ଦେଖିଲା । ଅନେକ କଷ୍ଟରେ ସେଇଟିକୁ ଧରିଲା । ସେଇ ଶାମୁକା ଭିତରେ ଗୋଟିଏ ଉଜ୍ଜ୍ୱଳ ବର୍ଣ୍ଣର ସୁନ୍ଦର ମୁକ୍ତାଟିଏ ଥିଲା । ଏଡ଼େ ସୁନ୍ଦର ମୁକ୍ତାଟିଏ ପାଇ ସେ ଭଗବାନଙ୍କ ଦାନ ବୋଲି ତାଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣାମ କଲା ।

ଶିପ୍ରା କୂଳରେ ପୁଣ୍ୟତିଥି ବୋଲି ବହୁ ଲୋକଭିଡ଼ ହୋଇଥାଏ । କ୍ରମେ ଲୋକେ ବ୍ରାହ୍ମଣ ମୁକ୍ତା ପାଇବା ଜାଣିପାରି ତାକୁ ଦେଖିବାକୁ ଆସିଲେ । ଏ ଖବର ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ସିପାହୀ ପଠାଇ ହୁକୁମ ଦେଲେ ମୁକ୍ତା ସହିତ ବ୍ରାହ୍ମଣକୁ ଧରି ଆଣିବାକୁ । ବ୍ରାହ୍ମଣ ଗଣେଶଙ୍କୁ ପୂଜା କରିସାରି ତା'ର ଛିଣ୍ଡାଗାମୁଛା କାନରେ ମୁକ୍ତାଟିକୁ ବାନ୍ଧି ଘରକୁ ଯିବାବେଳକୁ ରାଜାଙ୍କ ସିପାହୀ ପହଞ୍ଚିଲା । କହିଲା,—"ବ୍ରାହ୍ମଣ ମହାଶୟ, ରାଜାଙ୍କର ହୁକୁମ ଆପଣ ମୋ ସଙ୍ଗରେ ଚାଲନ୍ତୁ ।" ବ୍ରାହ୍ମଣ ଭୟରେ ସିପାହୀ ସାଙ୍ଗରେ ରାଜାଙ୍କ ଦରବାରକୁ ଗଲା ।

ରାଜା କହିଲେ—ହେ ବ୍ରାହ୍ମଣ, ତୁମେ ଆଜି ଗୋଟିଏ ମୁକ୍ତା ପାଇଛ. ତା' କାହିଁ ଦେଖାଇଲ । ବ୍ରାହ୍ମଣ ଭୟରେ ଥରି ଥରି ଛିଣ୍ଡା ଗାମୁଛାରୁ ଖୋଲି ରାଜାଙ୍କ ହାତକୁ ଦେଲା । ରାଜା ମୁକ୍ତାକୁ ଦେଖି ଲୋଭରେ କହିଲେ—ହେ ବ୍ରାହ୍ମଣ, ମୋ ରାଜକୋଷରେ ଏପରି ମୁକ୍ତା ନାହିଁ । ତୁମେ ମୋତେ ନ କହି ଏହାକୁ ଲୁଚାଇ ନେଇ ଯାଉଛ । ତୁମେ କ'ଣ ଜାଣନା ରାଇଜର ସବୁ ଭଲ ଜିନିସ ରାଜାଙ୍କର ? ଯା' ଘରକୁ ଯାଅ । ବ୍ରାହ୍ମଣ ମୁଣ୍ଡ ନଇଁ କହିଲା—ମହାରାଜାଙ୍କର ମଙ୍ଗଳ ହେଉ । ଏହା କହି ସେଠାରୁ ଚାଲି ଆସିଲା । ସେ ମୁକ୍ତାଟି ତାର ବ୍ରାହ୍ମଣୀକୁ ଦେଖାଇବା ଇଚ୍ଛା ଥିଲା, ମନକଷ୍ଟ ହେବାରୁ ଘରକୁ ନ ଫେରି ପୁଣି ଗଣେଶ ମନ୍ଦିର ନିକଟରେ ଥିବା ଚମ୍ପାଫୁଲ ଗଛ ମୂଳରେ ଥକା ହୋଇ ବସିଲା । ସେ ଗଛ ଉପରେ ଗୋଟିଏ ଶୁଆ ଦମ୍ପତି ବସା ବାନ୍ଧି ଥିଲେ । ବ୍ରାହ୍ମଣଙ୍କୁ ସେମାନେ ଭାରି ଭକ୍ତି କରୁଥିଲେ । ସେ ସମୟରେ ସାଧାରଣ ଜୀବ ଜଗତରେ ଏକତା ଥିଲା । ସେଥିପାଇଁ ପକ୍ଷୀମାନେ ମଧ୍ୟ ମଣିଷର ଭାଷା ବୁଝି ପାରୁଥିଲେ ଓ କଥାବାର୍ତ୍ତା ହେଉଥିଲେ ।

ବ୍ରାହ୍ମଣ ଘରକୁ ଫେରିବା ବେଳେ କହିଲା ହେ ଶୁକ ଦମ୍ପତି, ରାଜାଙ୍କୁ କେହି କିଛି କହିବାକୁ ସାହସ ନ କଲେ ମୁଁ ଗୋଟିଏ ଉପାୟ ପାଇଛି ତୁମର ମୁଁ ସାହାଯ୍ୟ ଚାହେଁ ।

ତା' ପରଦିନ ରାଜା ମଣି ମୁକ୍ତା କାରୁକାର୍ଯ୍ୟଖଞ୍ଜା ଓ ସୁନାର ଚଉଦୋଳରେ ବସି ବୁଲିବାକୁ ବାହାରିଛନ୍ତି । ଏହି ସମୟରେ ସେ ଶୁକ ଦମ୍ପତି ଉଡ଼ି ଉଡ଼ି ରାଜାଙ୍କ ଚଉଦୋଳା ପାଖରେ ଚକ୍ର ଦେଇ ଚାଲିବାର ରାଜା ଦେଖିଲେ । ଦୁଇ ଶୁକଦମ୍ପତି ଗାଇଲେ—

ହାୟ, ରାଜକୋଷେ କାଣି କଉଡ଼ି ନାହିଁ
ନାହିଁ ଭଣ୍ଡାରେ ସେ ମୋଡ଼ି
ଗରିବ ଧନରେ ଖାଆନ୍ତି ରାଜା
ଦୁଧ ଓ ରୁଟି ।

ପୁଣି ଗାଇଲେ—

ହାୟ, ରାଜକୋଷରେ ନାହିଁ ଧନ
ନାହିଁ ଗୋ ମଣି ମୁକ୍ତା ହାର
ଗରିବ ଧନରେ ରାଜା ଗୋ
ଖାଆନ୍ତି ଖିର ଓ ସର ।

ପକ୍ଷୀ ଦୁଇଟିଙ୍କର ଏ ଗୀତ ଶୁଣି ରାଜା ରାଗିଯାଇ କହିଲେ—କିଏ ଅଛ ଶୀଘ୍ର ଏ ଲକ୍ଷ୍ମୀଛଡ଼ା ପକ୍ଷୀଙ୍କୁ କାଟି ପକା । ତାଙ୍କୁ ଧରିବାକୁ ଲୋକେ ଚେଷ୍ଟାକଲେ, କିନ୍ତୁ ଶୁକ ଦମ୍ପତି

ଖୁବ୍ ଉଚ୍ଚକୁ ଉଡ଼ିଗଲେ, ଏବଂ ପୁଣି ତଳକୁ ଖସିଆସି ସେହି ଗୀତ ଗାଇଲେ । ରାଜା ଏ ଅପମାନରେ ଆଉ ପ୍ରମୋଦ-ଭ୍ରମଣରେ ନ ଯାଇ ନିଜ ପ୍ରାସାଦକୁ ଫେରି କବାଟ ବନ୍ଦ କରି ଶୟନମହଲରେ ଶୋଇଗଲେ ।

ପରଦିନ ରାଜା ଭ୍ରମଣରେ ଅନ୍ୟ ବାଟରେ ଗଲେ । ଏଥର ମଣିମୁକ୍ତା ଖଞ୍ଜା ହାଉଦା ଦିଆ ହାତୀ ପିଠିରେ ବସି ଚାଲିଥାନ୍ତି । କିଛି ବାଟ ଗଲା ପରେ ଶୁକ ଦମ୍ପତି ଉଡ଼ି ଉଡ଼ି ସେଇ ଗୀତ ପୁଣି ଗାଇଲେ ।

ହାୟ, ରାଜକୋଷେ କାଣି କଉଡ଼ି ନାହିଁ ।
ନାହିଁ ଭଣ୍ଡାରରେ ମୋତି
ଗରିବ ଧନରେ ଖାଆନ୍ତି
ରାଜା ଦୁଧ ଓ ରୁଟି ।

ରାଜା ଗୀତ ଶୁଣି ନିଆଁ ହୋଇଯାଇ ପକ୍ଷୀ ଦୁଇଟିକୁ ମାରିବାକୁ ପ୍ରସ୍ତୁତ ହେବା ବେଳକୁ ଗୋଟିଏ ଶୁଆ ଥଣ୍ଟରୁ ଛୋଟ ମୁକ୍ତାଟିଏ ରାଜାଙ୍କ କୋଳରେ ଖସି ପଡ଼ିଲା । ରାଜା ସେ ମୁକ୍ତାଟି ହାତରେ ଦେଖି ତାଙ୍କର ମନ ବିକଳ ହୋଇ ପଡ଼ିଲା ଓ ସେ ତୀର ମାରିବା ବନ୍ଦ କଲେ । ମାହୁନ୍ତକୁ ହୁକୁମ ଦେଲେ ରାଜପ୍ରାସାଦକୁ ହାତୀ ଫେରାଇବାକୁ । ରାଜା ଶୟନମହଲରେ ଶୋଇ ଶୋଇ ଭାବିଲେ—ଛି, ଛି, ଛାର ପକ୍ଷୀ ଦୁଇଟି ମୋତେ ଥଟ୍ଟା କଲେ, ଏ କ'ଣ ପ୍ରକୃତ ପ୍ରଜାଙ୍କର ମନ କଥା ? ରାଜା ରାଜକୋଷରୁ ସେ ମୁକ୍ତାଟି ଆଣି ହାତରେ ଏ ପାଖ ସେ ପାଖ କରି ଦେଖିଲେ, କହିଲେ ବିଚରା ବ୍ରାହ୍ମଣକୁ ତା' ମୁକ୍ତାଟି ଫେରାଇ ଦେବି ? ନା ନା ଏଡ଼େ ସୁନ୍ଦର ଜିନିଷ ଦେଇ ଦେବି ? ହଁ ପକ୍ଷୀଙ୍କ ଥଟ୍ଟା ଓ ପ୍ରଜାଙ୍କ ଅନ୍ତରାଳରେ ହସ, ଏହି ଚିନ୍ତାରେ ରାଜା ବସି ବସି ରାତି ପାହି ଗଲା ।

ରାଜା ପ୍ରଭାତରେ ଶୁଣିଲେ ସେହି ଶୁକପକ୍ଷୀ ସେ ଗୀତ ଗାଉଛନ୍ତି । ରାଜାଙ୍କର ଆଉ ପୂର୍ବ ଅଭିମାନ କି ଅହଙ୍କାର ନ ଥିଲା ।

ରାଜା ସେ ଦିନ ଗୋଟିଏ ଦରବାର ସଭା କରି ପ୍ରଜାଙ୍କଠାରୁ ନେଇଥିବା ଧନର ଦଶଗୁଣ ଦେଇ ଦେଲେ । ବ୍ରାହ୍ମଣକୁ ସମ୍ମାନ ସହ ଆଣି ତା'ର ମୁକ୍ତାଟି ଦେଲେ ଓ ତା'ଜୀବନଯାକ ସୁଖରେ ରହିବା ବ୍ୟବସ୍ଥା କରି ଦେଲେ ଏବଂ ସେ ଶୁକ ଦମ୍ପତିଙ୍କୁ ନିଜ ପ୍ରମୋଦ ଉଦ୍ୟାନରେ ବସା ବାନ୍ଧି ରଖି ଦେଲେ । ସେମାନେ ସୁନ୍ଦର ସୁନ୍ଦର ଗୀତ ଗାଇ ରାଜାଙ୍କୁ ଖୁସି କରାଇଲେ ।

ଉଡ଼ନ୍ତା ଛାରପୋକ

ଶ୍ରୀ ଧୀରେନ୍ଦ୍ରକୁମାର ପଟ୍ଟନାୟକ

ଛାରପୋକ ତ ପ୍ରାୟ ସମସ୍ତେ ଦେଖିଥିବ, ମାତ୍ର ସେଗୁଡ଼ିକ ଜମାରୁ ଉଡ଼ି ପାରନ୍ତି ନାହିଁ । ସେମାନଙ୍କର ଛୋଟ ଛୋଟ ଗୋଡ଼ ଅଛି, ସେହି ଗୋଡ଼ ସାହାଯ୍ୟରେ ସେମାନେ ଚାଲନ୍ତି, କିନ୍ତୁ ଉଡ଼ିପାରୁଥିବା ଛାରପୋକ ତୁମମାନଙ୍କ ଭିତରୁ କେହି କେବେ ଦେଖିଚ କି ? କେହି ଦେଖି ନ ଥିବ ।

ଅନେକ ଦିନ ତଳେ ପ୍ରକୃତରେ ଛାରପୋକମାନେ ଉଡ଼ି ପାରୁଥିଲେ । ମନଇଚ୍ଛା ଏଣେ ତେଣେ ଉଡ଼ି ଉଡ଼ି ଯିବା ଆସିବା କରି ଖୁବ୍ ମଉଜରେ ଥିଲେ, ମାତ୍ର ସେମାନଙ୍କର ଡେଣା କୁଆଡ଼େ ଗଲା ? ସେମାନେ ଆଜି କାହିଁକି ଉଡ଼ି ପାରୁ ନାହାନ୍ତି ? ସେମାନଙ୍କୁ ଦେଖିଲେ ଆମେ କାହିଁକି ରାଗୁ ଓ ମାରି ପକାଉ ? ସେଇ ବିଷୟରେ ଗୋଟିଏ ଗପ ।

ବ୍ରହ୍ମା ତ ସୃଷ୍ଟିକର୍ତ୍ତା । ସେ ଯେତେବେଳେ ପ୍ରଥମେ ପୃଥିବୀ ସୃଷ୍ଟି କରି ସେଥିରେ ନାନାପ୍ରକାର ଜୀବଜନ୍ତୁ ସୃଷ୍ଟି କଲେ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସାଙ୍ଗରେ ମଣିଷମାନେ ମଧ୍ୟ ଜନ୍ମ ହେଲେ । କେତେ ବର୍ଷ ଯାଏ ସମସ୍ତେ ଆରାମରେ ଚଳିଲେ, କେହି କଳିକଜିଆ କିମ୍ବା ପାଟିଗୋଳ କଲେ ନ । ଏମିତିକା ସୁଖରେ କେତେକାଳ କଟିବା ପରେ ମଣିଷମାନେ ଖାଇପିଇ ବେଶ୍ ମୋଟାସୋଟା ହୋଇ ଅଳସୁଆ ପାଲଟିଗଲେ । ସେମାନେ ଦିନ ରାତି ଖାଲି ଶୋଇଲେ । ବ୍ରହ୍ମା ସ୍ୱର୍ଗରେ ଥାଇ ଦେଖିଲେ ଯେ ମଣିଷଗୁଡ଼ା କେବଳ ଶୋଇ ଶୋଇ କ୍ରମେ ପେଟୁ ପାଲଟି ଯାଉଛନ୍ତି, ଫଳରେ ବେଶୀ ବେଶୀ ଖାଇବାକୁ ଚାହୁଁଛନ୍ତି, ମାତ୍ର ଚାଷବାସ କରୁ ନ ଥିବାରୁ ପୃଥିବୀରୁ କ୍ରମେ ଫସଲ ଶେଷ ହୋଇ ଆସୁଛି । ସେତେବେଳେ ତ ଆଉ ଆଜିକାଲି ଭଳି ମନ୍ତ୍ରୀ ଉପମନ୍ତ୍ରୀ ନ ଥିଲେ, ନିଜେ ବ୍ରହ୍ମା ସବୁକଥା ବୁଝାବୁଝି କରୁଥିଲେ । ମଣିଷମାନଙ୍କ ଉପରେ ବିରକ୍ତ ହୋଇ ବ୍ରହ୍ମା ଠିକ୍ କଲେ ଯେ ଏପରି ଗୋଟାଏ ଜୀବ ସୃଷ୍ଟି କରାହେବ ଯିଏ କି ମଣିଷ ରକ୍ତ ପିଇ ପାରିବ । ତା’ ହେଲେ ମଣିଷମାନେ ଆଉ ବେଶୀ ଶୋଇ ପାରିବେ ନାହିଁ ଓ କାମଦାମରେ ମନ ଦେବେ ।

ସେଇଆ ହେଲା । ଛାରପୋକ ଜନ୍ମ ହେଲା । ପୃଥିବୀରେ ଯେତେବେଳେ ଛାରପୋକ ପହଞ୍ଚିଲା ତାକୁ ସେତେବେଳେ ବଡ଼ ଅଡ଼ୁଆ ଅଡ଼ୁଆ ଲାଗିଲା, କଅଣ ଖାଇବ, କୋଉଠି ରହିବ ଏମିତିକା ଚିନ୍ତା କରି କରି ସେ ବ୍ରହ୍ମାଙ୍କୁ ଡାକିଲା । ବ୍ରହ୍ମା ଆସିଲେ ଏବଂ ଛାରପୋକଟିକୁ ଆଣି ସବୁଠାରୁ ମୋଟାସୋଟା ମଣିଷର ବିଛଣାରେ ଛାଡ଼ି ଦେଇଗଲେ । ଛାରପୋକଟି ପ୍ରତିଦିନ ଲାଲ ରକ୍ତ ଖାଇ ବେଶ୍ ବଢ଼ିଲା ।

Deb’s Library Corner...



କ୍ରମେ ଛଚ୍ଚରପୋକଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ସେମାନେ ପ୍ରତି ଘର ପ୍ରତି ଗାଁ ପ୍ରତି ସହରରେ ମେଞ୍ଚା ମେଞ୍ଚା ହୋଇ ବୁଲିଲେ, ମାତ୍ର ମଣିଷମାନେ ସେହି ଅନୁସାରେ ଚାଲାକ ହୋଇ ସେମାନଙ୍କୁ ମାରି ପକେଇଲେ । କ୍ରମେ ଛଚ୍ଚରପୋକମାନଙ୍କର ସଂଖ୍ୟା ଆଶାତୀତ ଭାବରେ କମିବାକୁ ଲାଗିଲା । ଛଚ୍ଚରପୋକମାନଙ୍କର ରାଜା ବ୍ରହ୍ମାଙ୍କ ନିକଟରେ ଗୁହାରି କଲେ । ବ୍ରହ୍ମା ପୁଣି ପୃଥିବୀକୁ ଆସି ମଣିଷ ଓ ଛଚ୍ଚରପୋକମାନଙ୍କର ଅବସ୍ଥା ଦେଖିଗଲେ । ସେତେବେଳକୁ ମଣିଷମାନେ ବେଶ୍ ଚାଲେଇ ଯାଇଥିଲେ, ମାତ୍ର ଛଚ୍ଚରପୋକମାନେ ଭୟରେ କିଏ କୁଆଡ଼େ ଲୁଚିଥିଲେ ଯେ ବ୍ରହ୍ମା କାହାକୁ ହେଲେ ଦେଖିବାକୁ ପାଇଲେନି । ଛଚ୍ଚରପୋକମାନଙ୍କ ପ୍ରତି ତାଙ୍କର ଦୟା ହେଲା । ସେ ମନ୍ତ୍ରବଳରେ ଛଚ୍ଚରପୋକମାନଙ୍କ ଦେହରେ ଦୁଇଟି ଲେଖାଏଁ ସରୁ ସରୁ ଡେଣା ଲଗାଇଦେଲେ ।

ଏଣେ ପୃଥିବୀରେ ଛଚ୍ଚରପୋକମାନେ ଡେଣା ପାଇ ପ୍ରଥମେ କେତେଦିନ ଖଣ୍ଡି ଉଡ଼ା ଦେଲେ, ମାତ୍ର ଖୁବ୍ ଶୀଘ୍ର ସେମାନେ ଚାଲାକ ହୋଇଗଲେ । ଚାରିଆଡ଼େ ଉଡ଼ି ଉଡ଼ି ମଣିଷମାନଙ୍କୁ କାମୁଡ଼ି ଅସ୍ତବ୍ୟସ୍ତ କରି ପକାଇଲେ । ମଣିଷମାନେ ଆଉ ତ ଶୋଇ ପାରିଲେ ନି, ବସା ଉଠା ବି କରି ପାରିଲେ ନି ।

ଛଚ୍ଚରପୋକମାନଙ୍କର ଅତ୍ୟାଚାର କ୍ରମେ ବଢ଼ିବାକୁ ଲାଗିଲା । ଯୁଆଡ଼େ ଯିବ ଖାଲି ଉଡ଼ନ୍ତା ଛଚ୍ଚରପୋକ । ଯେତେ ଚେଷ୍ଟା କଲେ ବି ଛଚ୍ଚରପୋକମାନଙ୍କୁ ମାରି ହେଲା ନି । ମଣିଷମାନେ ଏକ କ୍ଷୁଦ୍ର ଜୀବ ପାଖରେ ହାର ମାନିଲେ, ତାଙ୍କର ସବୁ ଗର୍ବ ଚୂନା ହୋଇଗଲା, ମାତ୍ର ଛଚ୍ଚରପୋକମାନଙ୍କର ଗର୍ବ ସୀମା ଟପି ଗଲା ।

ନ ଖାଇ ନ ଶୋଇ ମଣିଷମାନେ ଗୋଟି ଗୋଟି କରି ମରିବାକୁ ଆରମ୍ଭ କଲେ । ଚାରିଆଡ଼େ ଆତଙ୍କ ଖେଳିଗଲା । ଛଚ୍ଚରପୋକମାନଙ୍କ ଅତ୍ୟାଚାର ସବୁକୁ ଟପି ଯାଉଛି । ଯୁଆଡ଼େ ଯିବ, ସେଆଡ଼େ ଚାଲିଥିବ ଛଚ୍ଚରପୋକ ଆଲୋଚନା ।

କ୍ରମେ ସବୁ କଥା ବ୍ରହ୍ମାଙ୍କ କାନକୁ ଗଲା । ବ୍ରହ୍ମା ସ୍ୱର୍ଗର ସବୁ କାମଦାମ ଛାଡ଼େଇ ସାରି ପୃଥିବୀକୁ ବୁଲିବାକୁ ଆସିଲେ । ମଣିଷମାନେ ଯେମିତି ବ୍ରହ୍ମାଙ୍କୁ ଦେଖିଛନ୍ତି, ସାଙ୍ଗେ ସାଙ୍ଗେ ବ୍ରହ୍ମାଙ୍କ ଗୋଡ଼ତଳେ ଲମ୍ବ ଲମ୍ବ ହୋଇ ପଡ଼ିଯାଇ ନିଜର ଅସୁବିଧା କଥା ଜଣାଇ ସେଥିରୁ ମୁକ୍ତି ଦେବା ପାଇଁ ଅନୁରୋଧ କଲେ । ବ୍ରହ୍ମା ସବୁକଥା ମନ ଦଇ ଶୁଣୁଥିଲେ । ଏହି ସମୟରେ ହଠାତ୍ କାହୁଁ ଗୋଟାଏ ଛଚ୍ଚରପୋକ ଆସି ଗୋଟାଏ ଲୋକକୁ ଶକ୍ତ ଏକ କାମୁଡ଼ା ଦେଇ ଉଡ଼ି ପଳାଇଗଲା । ତା' ପରେ ପରେ ଗୋଟାଏ ବଡ଼ ଦଳ ଛଚ୍ଚରପୋକ ଉଡ଼ି ଉଡ଼ି ଆସି ମଣିଷମାନଙ୍କ ଉପରେ ଆକ୍ରମଣ ଚଳାଇଦେଲେ । ପୁଣି ବ୍ରହ୍ମାଙ୍କ ସାମନାରେ !!

ଛଚ୍ଚରପୋକମାନଙ୍କର ବ୍ୟବହାରରେ ବ୍ରହ୍ମା ଖୁବ୍ ରାଗିଗଲେ । ମଣିଷମାନଙ୍କ ପ୍ରତି ତାଙ୍କର ଖୁବ୍ ଦୟା ହେଲା । ସ୍ୱର୍ଗପୁରକୁ ଫେରିଯାଇ ସେ ମନ୍ତ୍ରବଳରେ ଛଚ୍ଚରପୋକମାନଙ୍କର ଡେଣା କାଟିଦେଲେ ।

ଘୁରପୋକମାନେ ଡେଣାହୀନ ହୋଇଯିବାରୁ ପୂର୍ବକର୍ମ ପାଇଁ ପ୍ରାୟଶ୍ଚିତ୍ତ କଲେ । ଡେଣା ଯୋଡ଼ିଦେବାପାଇଁ ସମସ୍ତେ ବ୍ରହ୍ମାଙ୍କ ନିକଟରେ ପ୍ରାର୍ଥନା କଲେ, ମାତ୍ର କିଛି ଫଳ ହେଲା ନି । ମଣିଷମାନେ ଟିକିଏ ସୁସ୍ଥତା ଅନୁଭବ କଲେ । ସବୁତକ ରାଗ ଶୁଝେଇଲେ ଘୁରପୋକମାନଙ୍କ ଉପରେ, ମାତ୍ର ସେତେବେଳକୁ ଘୁରପୋକମାନଙ୍କ ସଂଖ୍ୟା ମଣିଷମାନଙ୍କ ସଂଖ୍ୟାର ହଜାର ଗୁଣ ଅଧିକା ହୋଇଯାଇଥିଲା । ତେଣୁ ଘୁରପୋକମାନେ ମୂଳରୁ ନିପାତ ହୋଇ ପାରିଲେନି । ଯେତେ ମଲେ ବି ତା'ଠାରୁ ବେଶୀ ଜନ୍ମ ହେଲେ । ଫଳରେ ସେମାନଙ୍କ ବଂଶ ଆଉ ଲୋପ ହୋଇ ପାରିଲା ନି ।

ମାତ୍ର ସେଇଦିନଠାରୁ ମଣିଷ ଓ ଘୁରପୋକଙ୍କର ଅପଡ଼ ହୋଇଗଲା । ମଣିଷ ଘୁରପୋକଙ୍କୁ ଘୃଣା କଲା ଓ ଦେଖିବା ମାତ୍ରେ ମାରିବାକୁ ପଛେଇଲା ନି । ଆଉ ବିଚରା ଘୁରପୋକ ଆକାରରେ ଛୋଟ ହୋଇ ଥିବାରୁ ବିଛଣାରେ ଲୁଚି ରହି ମଣିଷକୁ କାମୁଡ଼ି ରକ୍ତପାନ କରି ମନ ଶାନ୍ତ କରେ ।

ଏଇଥିପାଇଁ ଆମେ ଓଡ଼ଶ ବା ଘୁରପୋକକୁ ଘୃଣା କରୁ ଏବଂ ଆମ ଆଖିରେ ପଡ଼ିବାମାତ୍ରେ ତା'ର ପ୍ରାୟ ଆୟୁଷ ଶେଷ ହୋଇ ସାରିଥାଏ ।

କଥାରେ ଅଛି ପରା—

କେବେ ହେଲେ ଗର୍ବ କରିବ ନାହିଁ । ଗର୍ବ କଲେ ସବୁକିଛି ଅନିଷ୍ଟ ହୁଏ । ଘୁରପୋକମାନେ ଗର୍ବ କରି ନ ଥିଲେ ଆଜି ହୁଏ ତ ଚଢ଼େଇଭଳି ଖୁସିରେ ଉଡ଼ି ବୁଲୁଥାଆନ୍ତେ ।

ତେଣୁ ଗର୍ବ କରିବା ଆଦୌ ଉଚିତ ନୁହେଁ ।



ବୁଢ଼ା ଆଉ ବୁଢ଼ୀ

ଶ୍ରୀ ଭଗବାନ ପାଢ଼ୀ

(୧)

ବୁଢ଼ା ଆଉ ବୁଢ଼ୀ —
ବୁଢ଼ୀଟି ଥିଲା ଭାରି ଝଗଳୀ
ବୁଢ଼ାଟା ବଡ଼ ଖୋଡ଼ା ।

(୨)

ବୁଢ଼ାଟି ମାଗେ ଭିକ
ବୁଲଇ ନିତି ଗାଆଁକୁ ଗାଆଁ
କାହୁଁ ଜାଣିବ ସୁଖ ?

(୩)

ଦିନର—ଅବସାନେ
ବୁଢ଼ାଟି ଫେରେ ଦୂର-ଗାଆଁରୁ
ମାଗି କି ଯୋଖେ ମାଣେ ।

(୪)

ବୁଢ଼ୀଟି ଭଲ ଭାରି
କେବଳ ଟିକେ ଓଲୁଆପଣ
ବୁଢ଼ା ନ ପାରେ ଧରି······

(୫)

ଦିନେ ସକାଳେ ବୁଢ଼ା
ଦୂର—ଗାଆଁକୁ ମାଗିବା ପାଇଁ
ଗଲା ଧରି ତା' ପୁଡ଼ା ।

(୬)

ହୋଇଚି କା'ର ପୁଅ······
ଲୁକାଟ ମଜୁରୁଅ ସେଇଠି
ବଢ଼ୁଚି ଲୋକ ସୁଅ ।

(୭)

ଭିକ ମାଗିଲା ବୁଢ଼ା
ଲୁଗା ଗୋଟିଏ ପାଇଲା
ଗୁଡ଼, ଚାଉଳ ଦୁଇ ପୁଡ଼ା ।

(୮)

ବୁଢ଼ୀ ଏହା ଦେଖି ଖୁସି
କହିଲା ଆଜ କ୍ଷୀରି କରିବା
ଖାଇବା ଦୁହେଁ ମିଶି ।

(୯)

ବୁଢ଼ୀ ଜାଳିଲା ଚୁଲ୍ଲୀ,
ବୁଢ଼ା ସେଇଠୁ କୋଉଥି ପାଇଁ
ଗଲା ପଦାକୁ ଚାଲି ।

(୧୦)

ଚୁଲ୍ଲୀରେ ଫୁଟେ କ୍ଷୀରି,
ବାସନା ତା'ର ମହକ ଉଠେ
ଲୋଭ କି ଯିବ ଗଡ଼ି ?

(୧୧)

ଗରମ ଟକ ଟକ
ଉଛୁଳି ଦେଲା କ୍ଷୀରି ଅଟିକା
ମନରେ ବଡ଼ ଦକ ।

(୧୨)

ମଡ଼ାକୁ ଦେଲା ଗୁହାରି
"ବୁଢ଼ା ଏଖନେ ଆସି ନ ପାରି"
ଦେବ ମୁଁ ସବୁ ପିଇ !

(୧୩)

ଗରମ ଟକ ଟକ !
ଛଳେ ବୋପାଲେ !···କ'ହେଲା ପେଟ ?
ଓଜାରେ ଭକ ଭକ !!!

(୧୪)

ବୁଢ଼ୀ ଉଣ୍ଟଲା ପଡ଼,
ବୁଢ଼ା ଆସିଲା ଧାଡଲା, ଦେଖି;
"ଭୂତ ଅଛି ତ ମଡ଼ !"

(୧୫)

ବୁହିଁଲା କଟମଟ
ଶୁଣିଲା—ବୁଢ଼ୀପେଟରୁ ଉଠେ
ଶବଦ ଫଟ ଫଟ······

(୧୬)

ବୁଢ଼ା ଭାବିଲା—'ନାହିଁ'
ପେଟଭିତରେ ଯମ-ଦୂତଟା
ହେଉଛି ଗୁଇଁ ଗାଇଁ !!!

(୧୭)

"ମଲା ପିଏ ସେ ଗଲା—
କାଢ଼ି ମି ପେଟୁ ଯମ-ଦୂତକୁ
କେଣିକ ପିବ ଭଲା ?"

(୧୮)

ଆଣିଲା ବାଡ଼ ଗୋଟି,
ସବୁ ବଳକୁ ଖଟାଇ, ଦେଲା—
ଦଶ ପାହାର ପିଟି !

(୧୯)

ଭଲ ଅଡୁଆ ହେଲା……
—'କେଉଁଠି ଗଲା ପାଜଟା ଲୁଚ ?
ବାହାର ନ ପାରିଲା !'

(୨୦)

—"ଆଉ ଉପାୟ ନାହିଁ
ଅପରେଶନ କରିବି ପେଟ
ଛୁରୀରେ ଫାଡ଼ ଦେଇ ।

(୨୧)

ମାଡ଼ ବସିଲା ଜୋରେ,
କାଟିଲା ପେଟ କଲରା ମତ
ଶାଣୁଆ ଛୁରୀ-ଧାରେ ।

(୨୨)

ବୁଢ଼ା ତ ନୁଙ୍ଗଛୁଣା,
ହାତ ପୂରାଇ ଅଣ୍ଡାଳ ଗଲା
କାହିଁ ପେଟର ମୁଣା ?

(୨୩)

ମୁଣାଟି ହେଲା ଖରି,
ଦୁଇ କ ଫୁଟ କେହି ନ ଥିଲେ
କେବଳ ସେଇ ଖୀସ୍ତ ।

(୨୪)

ବୁଢ଼ା ଜାଣିଲା ସବୁ
ବୁଢ଼ୀର ଶବ ଉତ୍ପଥେ ପଡ଼
ବୁଢ଼ାକୁ କରି କାବୁ……।



ବାପ୍‌ରେ; କି ନାଚ

ଶ୍ରୀ ନଟବର ଚନ୍ତକ

ସିସିଲ ଦ୍ୱୀପର ଗୋଟିଏ କଥା—

ପେପ୍ପେ ନାମରେ ଗୋଟିଏ ଛୋଟ ପିଲାଟିଏ ଥାଏ । ପିଲାଟିଦିନରୁ ସେ ବାପ'ମା ଛେଉଣ୍ଡ । ତେଣୁ ବାରଘରେ ବାର ପାଇଟି କରି ସେ ଚଳେ । ଭାରି ଭଲ ପିଲାଟି ସେ । କାମରେ କେବେ ହେଲେ ହେଳା କରେ ନାହିଁ । ହେଲେ ତାକୁ ସରଳ ଦେଖି ସମସ୍ତେ ଠକିବାକୁ ତତ୍ପର ।

ଥରେ ସେ ଗୋଟିଏ ଚାଷୀ ଘରେ ଚାକିରି କଲା । ତିନି ଚାରି ବର୍ଷ ଚାକିରି କରିବା ପରେ ସେ ଚାଷୀଙ୍କୁ ତା'ର ଦରମା ଟଙ୍କା ମାଗିଲା; କିନ୍ତୁ ସେ ଚାଷୀଟି ଏତେ କୃପଣ ଯେ, ତାକୁ ମାତ୍ର ତିନି ଟଙ୍କା ଦେଲା । ସେ ଆଉ ମାଗିବାରୁ ତାକୁ ମାରି ତଡ଼ି ବାହାର କରିଦେଲା । ହେଲେ ପେପ୍ପେ ଏଥିରେ ଟିକିଏ ମାତ୍ର ଦୁଃଖ ନ କରି ସେଇ ଟଙ୍କାତକ ଧରି ଚାଲିଗଲା । ଯାଉ ଯାଉ ସେ ବାଟରେ ଗୋଟିଏ ଭିଖାରୀକୁ ଦେଖିଲା । ଭିଖାରୀଟି ବଡ଼ ଭୋକିଲା ପରି ମନେ ହେଉଥିଲା । ଦେହ ହାତ ଅଚଳ ପରି ମନେ ହେଉଥାଏ । ସେ ଭିଖାରୀଟି ପାଖରେ ପହଞ୍ଚିବାରୁ ଭିଖାରୀଟି ତାକୁ କିଛି ଖାଇବାକୁ ମାଗିଲା । ହେଲେ ପେପ୍ପେ ପାଖରେ ତ କିଛି ଖାଇବାକୁ ନ ଥାଏ । ତେଣୁ ସେ ବଡ଼ ଚିନ୍ତାରେ ପଡ଼ିଲା । କ'ଣ କରିବ ସେ ଚିନ୍ତା କଲା । ମନେ ପଡ଼ିଲା ତା'ର ପକେଟରେ ତିନି ବର୍ଷର ମଜୁରୀ ତିନିଟଙ୍କା ଅଛି । ତେଣୁ ସେ କହିଲା—

—ମୋ ପାଖରେ ତ ଖାଇବା ଜିନିଷ କିଛି ନାହିଁ । କ'ଣ କରିବି ? ତୁମେ ଏଇ ତିନୋଟି ଟଙ୍କା ନିଅ ମଜା କରି ଖାଇବ ।

—କିନ୍ତୁ ତୁମ ପାଇଁ ତ ଆଉ କିଛି ରଖିଲ ନାହିଁ । ତୁମେ ପୁଣି ଚଳିବ କିମିତି ?

—ମୋ ଚଳିବା ପାଇଁ ଭଗବାନ୍ ଦେବେ, ଯାଅ ତୁମେ ଆଗେ ଖାଇ ନିଅ ।

—ପ୍ରକୃତରେ ତୁମେ ବଡ଼ ଦୟାଳୁ ପେପ୍ପେ । ଛୋଟ ହେଲେ ବି ତୁମ ପାଖରେ ମହତ୍ ଗୁଣ ରହିଛି । ଦେଖ, ମୁଁ ଭିଖାରୀ ନୁହେଁ । ମୁଁ ଜଣେ ଦେବତା । କେବଳ ତୁମକୁ ପରୀକ୍ଷା କରିବା ପାଇଁ ଆସିଥିଲି । ମୁଁ ଭଗବାନ୍, ଭଗବାନ୍ ଯାହାଠାରୁ ନିଅନ୍ତି, ତାକୁ ସବୁ କିଛି ଦିଅନ୍ତି । ମୁଁ ମଧ୍ୟ ତୁମକୁ ସେହିପରି ତିନୋଟି ମୂଲ୍ୟବାନ୍ ପଦାର୍ଥ ଦେଉଛି, ତୁମେ ତାହାରି ବଳରେ ଧନୀ ଲୋକ ହୋଇ ପାରିବ ।

Deb's Library Corner...

ଏହା କହି ସେ ତାକୁ ଗୋଟିଏ ବେହେଲା ଦେଲେ । ବେହେଲାଟି ବଜାଇଲେ ସମସ୍ତେ ନାଚି ଉଠିବେ । ଦ୍ୱିତୀୟରେ ସେ ଗୋଟିଏ ବନ୍ଧୁକ ଦେଲେ । ବନ୍ଧୁକଟିର ଲକ୍ଷ୍ୟ କେବେ ଅବ୍ୟର୍ଥ ନୁହେଁ ଏବଂ ସବା ଶେଷରେ କହିଲେ ଯେ ତୁ ଯାହାକୁ ଯାହା ମାଗିବୁ ସେ ମନା କରି ପାରିବ ନାହିଁ ।

ଏତକ ସେ ଦେବତାଙ୍କଠାରୁ ନେଇ ଚାଲି ଆସିଲା । ଯାଉ ଯାଉ ବାଟରେ ତା'ର ଏ ବନ୍ଧୁକର ଗୁଣକୁ ପରୀକ୍ଷା କରିବ ବୋଲି ଭାବିଲା । ତେଣୁ ସେ ଆକାଶରେ ଉଡ଼ିଯାଉଥିବା ଗୋଟିଏ ଚଢ଼େଇକୁ ଲକ୍ଷ୍ୟ କରି ବନ୍ଧୁକ ମାରିଲା । ଚଢ଼େଇଟି ମରିଗଲା ଏବଂ ତାହା ଯାଇ ସେଇ ଋଷୀଟିର ଦୁଆରେ ପଡ଼ିଲା । ପିଲାଟି ଯାଇ ତାକୁ ଚଢ଼େଇ ଦେଇଦେବା ପାଇଁ କହିଲା; କିନ୍ତୁ ଋଷୀ ଦେଇ ନ ଥିଲା ।

ତେଣୁ ପେଶ୍ୱେ କହିଲା—ଯଦି ନ ଦିଅ, ତାହା ହେଲେ କହୁଛି ଏଇକ୍ଷଣି ତୁମକୁ ଭଲ କରି ନଚାଇ ଦେବି । ଭଲ ଗତି ଯଦି ଅଛି ମୋ ଜିନଷରେ ଲୋଭ କର ନାହିଁ ।”

ଋଷୀଟି ଏ କଥା ନ ଶୁଣିବାରୁ ସେ ବେହେଲାକୁ ବଜାଇବାକୁ ଲାଗିଲା । ଫଳରେ ଋଷୀଟି ଖାଲି ନାଚିବାକୁ ଲାଗିଲା । ନାଚି ନାଚି ସେ ବେଦମ୍ ହୋଇଗଲା । ଶେଷକୁ ସେ କହିଲା—ଦେଖ ପେଶ୍ୱେ, ତୁ ମୋତେ, ଯଦି ଛାଡ଼ି ଦେଉ ତେବେ ମୁଁ ତୋତେ ତୋର ଦରମାପାଇଁ ଏକହଜାର ଟଙ୍କା ଓ ତୋର ଚଢ଼େଇଟି ଦେବି । ତୁ ମୋତେ ଛାଡ଼ି ଦେ ।

ଏ କଥା ଶୁଣି ସେ ବେହେଲା ଆଉ ବଜାଇଲା ନାହିଁ । ହେଲେ ଋଷୀଟି ମୁକ୍ତି ପାଇ ତାକୁ ଟଙ୍କା ନ ଦେଇ ଧାଁଇଲା ରାଜାଙ୍କ ଘରକୁ ଫେରାଦ କରିବ ବୋଲି । ରାଜା ଆଉ ସତ ମିଛ କିଛି ବିଚାର ନ କରି ତାକୁ ଫାଶି ହୁକୁମ ଦେଲେ । ଏଥିରେ ପିଲାଟିର ମନରେ ଭାରି ଦୁଃଖ ହେଲା, କ'ଣ କରିବ ବା ସେ । ହଠାତ୍ ତା'ର ମନେ ପଡ଼ିଲା ଭଗବାନଙ୍କ ତୃତୀୟ ବର କଥା । ତେଣୁ ସେ ତାଙ୍କୁ କହିଲା—“ମହାରାଜ, ମୁଁ ମରିବା ପୂର୍ବରୁ, ମୋର ସେଇ ବେହେଲାଟିକୁ ଥରେ ମାତ୍ର ମୋ ହାତକୁ ଦିଅ । ମୁଁ ତାକୁ ବଜାଇ ଆନନ୍ଦରେ ମରିବି ।”

ଏ କଥାରେ ରାଜା ବେହେଲାଟି ନେଇ ତା ହାତରେ ଦେଲେ ଯେତେ ଯିଏ ମନା କଲେ ମଧ୍ୟ ମାନଲେ ନାହିଁ । ପେଶ୍ୱେ ବେହେଲାଟି ନେଇ ବଜାଇବାରୁ ସମସ୍ତେ ନାଚି ଉଠିଲେ । ନାଚି ନାଚି ଶେଷକୁ ତାଙ୍କର ଯୋତାର ତଳପା ସବୁ ଛିଣ୍ଡିଗଲା; ତଥାପି ସେ ବେହେଲା ବଜାଉଥାଏ ଏବଂ ସେମାନେ ନାଚୁଥାଆନ୍ତି ।

ଶେଷକୁ ରାଜା କହିଲେ—ମୁଁ ତୋତେ ମୁକ୍ତି ଦେଉଛି । ତୁ ତୋ ବେହେଲା ବନ୍ଦ କର ।

ପେଟରେ ବେହେଲ୍ ବନ୍ଦ କଲ୍ । ସମସ୍ତେ ଶାନ୍ତ ହେଲେ । ରାଜା ତା'ର ଏ ଗୁଣ ଦେଖି ତାକୁ ନିଜର ପୁଅ କରି ରଖିଲେ । ପ୍ରକୃତ କଥା ବୁଝି ସେ ଗୃଷୀକୁ ଦଣ୍ଡ ଦେଲେ ।

ତେଣୁ ଯାହାର ଭାଗ୍ୟରେ ଯାହା ଅଛି, ସେ ନିଶ୍ଚୟ ତାହା ଭୋଗିବ । ଗରିବ ଘରର ପୁଅ ହେଲେ ମଧ୍ୟ ଦିନେ ରାଜା ହୋଇ ପାରିବ । (ଅନୁବାଦ)



"ସାନ ଭଉଣୀ"

ବିଜୟିନୀ ପଟ୍ଟନାୟକ

ସାନ-ଭଉଣୀ ନାଆଁ ତା ଝୁନୁ କଏସେ ଡାକେ ଚୁନି
କଏସେ ଡାକେ ଦିପାଳୀ-ଗୀତା ମୁଁ ଡାକେ ପୋଡ଼ାମୁହାଁ ।

ବାପା ଆଣନ୍ତି ତା ପାଇଁ ପୁଣି କେତେ ଯେ ଜାମା-ଯୋଡ଼ା
ଭାଇ ଆଣନ୍ତି ଖେଳନା କେତେ ଜାତି ଜାତିକା ଫିତା ।

ଦାଦା ଆଣନ୍ତି ମିଠେଇ, ଖଜା ଘୁଙ୍ଗୁର ଆଣେ ଅପା
ସମସ୍ତେ ତାକୁ ପାଆନ୍ତି ଭଲ ମା', ଭାଇ, ଦାଦା; ବାପା ।

ମୋ ବେଳକୁ ମଇଳା ଜାମା ଚିରା ପେଣ୍ଟ ଟାଏ
କଣ୍ଢେଇ ମୋର ଗଲେ ବି ଭାଙ୍ଗି ପଚାରେ ମତେ କିଏ ?

ଇସ୍କୁଲକୁ ନ ଯାଏ ଯେବେ ଗାଳି ଦିଅନ୍ତି ଭାଇ
ସେତିକି ବେଳେ ତାଙ୍କର କାଖେ ହସଇ ପେଟିଚୁଇଁ ।

ମା କହନ୍ତି ବଡ଼ଟାଏ ତୁ ତା ସଙ୍ଗେ କରୁ ବାଦ
ବଡ଼ ହୋଇଲି ବୋଲି ମୁଁ ସତେ ମୋର କି ଅପରାଧ ?

ଦି ଦିନ ଜରେ ପଡ଼ି ଆମର ଦିପାଳୀ ଗଲା ମରି
କେଜାଣି କିଆଁ-ଆଖିରୁ ମୋର ଲୁହ ଆସିଲା ଝରି ।

ରାଗେ ମୁଁ ବୋଲି ଉପରେ ତା'ର କଳିକା-ଅଭିମାନ,
ବାଦୋଇ ସଙ୍ଗେ ଖେଳିବା ପାଇଁ ହେଲା ନି କି ତା ମନ ?"?

ସେଇଥି ପାଇଁ ମୋ ଝୁନରାଣୀ ସତେ କ ଗଲୁ ମରି
ଆଜ ମୁଁ ବାଦ କରିବି ନାହିଁ ଆ-ଭଉଣୀ ଫେରି ।

ଏଥର ତତେ ପାଇବି ଭଲ ଜୀବନଠାରୁ ବଳି
ମାରିବୁ ମତେ ପିଟିବୁ ପଛେ କରିବି ନାହିଁ କଳି ।

ଗୁହାରି ଆଜି କରୁଛି ପାଦେ ଶୁଣ ହେ ଶୁଣ ଦିଅଁ
ସାନ ଭଉଣୀ ଝୁନକୁ ମୋର ମୋତେ ଫେରେଇ ଦିଅ ।

ଦୁଇଶହ ବର୍ଷ ତଳର କଥା

ଶ୍ରୀ ଅଜୟକୁମାର ଦାସ

ପ୍ରାୟ ଦୁଇଶହ ବର୍ଷ ତଳର କଥା । ବଙ୍ଗଳାର ନବାବ ସରଫରାଜଖାଁଙ୍କର ବିହାରର ନବାବ ଆଲବର୍ଦ୍ଧି ଖାଁଙ୍କ ସହିତ ଯୁଦ୍ଧ ହେଉଥିଲା । ଆଲବର୍ଦ୍ଧି ଖାଁ ଆସିଥିଲେ ବଙ୍ଗଳାର ସିଂହାସନ ଦଖଲ କରିବାକୁ ସେଥିପାଇଁ ଏହି ଯୁଦ୍ଧ ଗଙ୍ଗାର କୂଳରେ ଗିରିଆର ପଡ଼ିଆରେ ହୋଇଥିଲା । ସୈନ୍ୟମାନଙ୍କର ଚିତ୍କାର, ବନ୍ଧୁକ ଓ କମାଣର ଶବ୍ଦରେ କାନକୁ କିଛି ଶୁଭୁ ନଥିଲା । ପଶୁ ପକ୍ଷୀ ସବୁ ଡରରେ ନୀରବ ।

ଏହି ଯୁଦ୍ଧରେ ସରଫରାଜଖାଁର ବିଜୟସିଂହ ନାମରେ ଗୋଟିଏ ସେନାପତି ଥିଲା । ଜାଲମ ସିଂହ ନାମରେ ତାହାର ଗୋଟିଏ ପୁଅ ଥିଲା । ପିତାର ସହିତ ସେ ଯୁଦ୍ଧ କ୍ଷେତ୍ରକୁ ଆସିଥିଲା । ଜାଲମ ସିଂହର ବୟସ ସେତେବେଳେ ମୋଟେ ଦଶବର୍ଷ । ସେ ଥିଲା ପିତାର ବୀରପୁତ୍ର । ଶିଶୁକାଳରୁ ସେ, କିପରି ଅସ୍ତ୍ରଚାଳନା କରାଯାଏ ଓ କିପରି ଯୁଦ୍ଧ କରାଯାଏ, ତାହା ଜାଣି ଥିଲା ।

ହଠାତ୍ ବିପକ୍ଷଦଳରୁ ଗୋଟିଏ ଗୁଳି ଆସି ବିଜୟସିଂହର ବକ୍ଷକୁ ଭେଦ କଲା ଓ ସେ ଅଶ୍ୱପୃଷ୍ଠରୁ ପଡ଼ିଗଲେ । ସେନାପତି ମରିବା ପରେ ସରଫରାଜଖାଁର ସୈନ୍ୟଗଣ ପଳାଇବାକୁ ଆରମ୍ଭ କଲେ ଏବଂ ଆଲବର୍ଦ୍ଧିର ସୈନ୍ୟଗଣ ଜୟଧ୍ୱନି କରି ଆଗେଇ ଚାଲିଲେ ।

ବାଳକ ଜାଲମ ସିଂହ ପିତାଙ୍କ ପାଖରେ ଅଶ୍ୱପୃଷ୍ଠରେ ବସିଥିଲା । ପିତାଙ୍କୁ ତଳେ ପଡ଼ିଯିବା ଦେଖି ସେ ତଳେ ଓହ୍ଲାଇଲା ଏବଂ ଦେଖିଲା ତାର ପିତାର ପ୍ରାଣବାୟୁ ବାହାରି ଯାଇଛି । ବିପକ୍ଷର ସୈନ୍ୟଗଣଙ୍କୁ ଅଗ୍ରସର ଦେଖି ସେ ଜାଣି ପାରିଲା ଯେ, ତାହାର ବାପଙ୍କୁ ସେ ପଦତଳେ ଦଳଦେଇ ଚାଲିଯିବେ । ପୁତ୍ର ଜୀବିତ ଥାଉଁ ଥାଉଁ ତାହାର ପିତାର ମୃତ ଦେହକୁ ପଦତଳେ ଦଳଦେଇ ଚାଲିଯିବେ, ତାହା କଦାପି ହୋଇ ପାରିବ ନାହିଁ । ଏହା ଭାବି ଜାଲମ ସିଂହ ତାହାର ତରବାରି କାଢ଼ି ସୈନ୍ୟଙ୍କର ପଥରୋଧ କଲା । ଜାଲମର ଏହି ଅପୂର୍ବ ବୀରତ୍ୱ ନବାବ ଆଲବର୍ଦ୍ଧି ଖାଁର ଦୃଷ୍ଟି ଆକର୍ଷଣ କଲା । ଦୂରରୁ ସେ ଦେଖିଲେ ଗୋଟିଏ ଛୋଟ ବାଳକ ଗୋଟିଏ ମୃତ ଦେହକୁ ରକ୍ଷା କରିବା ପାଇଁ ପାଗଳ ପରି ତରବାରି ଘୂରାଉ ଅଛି, ନବାବ ଅନୁସନ୍ଧାନ କରି ବୁଝିଲେ ଯେ, ସେ ତାହାର ପିତାର ମୃତ ଦେହକୁ ବଞ୍ଚାଇବା ପାଇଁ ଏହିପରି କରୁଅଛି ।

ଏହି ଦୃଶ୍ୟ ଦେଖି ଦୟାଳୁ ରାଜା ମୁଗ୍‌ଧ ହୋଇଗଲେ । ସେ ବାଳକର ସମ୍ମୁଖକୁ ଆସି କହିଲେ, "ବାଳକ, ତୁମର ସାହସ ଓ ବୀରତ୍ୱ ଦେଖି ମୁଁ ଅତି ମୁଗ୍‌ଧ ହୋଇ ଅଛି । ବର୍ତ୍ତମାନ ତୁମେ ନୀରବ ହୁଅ । ନବାବ ତାଙ୍କର ହିନ୍ଦୁ ସୈନ୍ୟଗଣଙ୍କଦ୍ୱାରା ମୃତ ଦେହର ସତ୍‌କାରର ବନ୍ଦୋବସ୍ତ କଲେ ।

ଗିରିୟାର ପଡ଼ିଆରେ ସେହି ଯୁଦ୍ଧ କେବେଠାରୁ ଶେଷ ହୋଇ ଅଛି; କିନ୍ତୁ ବୀର ବାଳକ ଜାଲମର ପିତୃଭକ୍ତି କଥା କେହି ଆଜି ପର୍ଯ୍ୟନ୍ତ ଭୁଲି ନାହାନ୍ତି ।



ଆ'ରେ ମେଘ ଆ'ରେ

ଶ୍ରୀମତୀ ପୁଣ୍ୟପ୍ରଭା ଦେବୀ

ଆ'ରେ ମେଘ ଆ'ରେ
ଦୁନିଆଁ ଜାଳେ ଗ୍ରୀଷମ କାଳ
ଗମ୍ ଗମ୍ ଗମ୍ ବହୁଛି ଝାଳ
ଝର୍ ଝର୍ ଝର୍   ଝର ଭୁ ମନ୍ଥି
ଶୀତଳ କର ଯା'ରେ
ଆ'ରେ ମେଘ ଆ'ରେ ।

ଆ'ରେ ମେଘ ଆ'ରେ
ଶୁଖିଚ ନାଳ   ଶୁଖିଚ ନଈ
ପାଣିର ସୁଅ   ଯାଉରେ ବନ୍ଧ
ନାଉରୀ ଯାଇ   ଗୀତଟି ଗାଇ
ଭସାଇ ଦେଉ ନାଆରେ
ଆ'ରେ ମେଘ ଆ'ରେ

ଆ'ରେ ମେଘ ଆ'ରେ
ପଡ଼ୁଚ ବଲ   ପଡ଼ିଆ ପରି
ହୋଇବ ଗୃଷ   ଗଲେ ଭୃ ଝ'ଶ
ଫଳବ ଧାନ   ଫଳବ ଷଶ
ଫଳବ ଯେତେ ଯାହାରେ
ଆ'ରେ ମେଘ ଆ'ରେ ।

ଆ'ରେ ମେଘ ଆ'ରେ
ଝଡ଼ଆ ପାଗେ   ବଢ଼ିଆ ମୁଆଁ
ଖାଇଲ ବେଳେ   ଆମେରେ ଛୁଆ
ଶୁଣିବୁ କେତେ   କାହାଣୀ ନୂଆ
କହିବ ବୁଢ଼ୀ ମାଆରେ
ଆ'ରେ ମେଘ ଆ'ରେ ।

ସାଧୁଙ୍କ ମୁଣ୍ଡରେ ଅଠା

ଲବଙ୍ଗଲତା ଦେବୀ (ବଦୁଣୀ)

ଅନେକ ଦିନ ତଳର କଥା । ଗଙ୍ଗା ନଈ କୂଳରେ ଏକ ନଗର ବସା ଯାଇଥିଲା । ତା'ର ନାମ ଥିଲା, କୁସୁମ ନଗର । ଏହି ନଗରରେ ବେଶି ବ୍ରାହ୍ମଣ ରହୁଥିଲେ । ଏଥିପାଇଁ ଲୋକେ କୁସୁମ ନଗରକୁ ବ୍ରାହ୍ମଣଙ୍କ ନଗର ବୋଲି କହୁଥିଲେ । ଏ ନଗରର ନାମ ଦୂର-ଦୂରାନ୍ତକୁ ବ୍ୟାପି ଯାଇଥିଲା ।

ହରସ୍ୱାମୀ ବୋଲି ଜଣେ ତପସ୍ୱୀ ବ୍ରାହ୍ମଣ ତୀର୍ଥ-ଭ୍ରମଣରୁ ଫେରୁଥିଲେ । ବାଟରେ କୁସୁମ ନଗରର ନାମ ଶୁଣି ସେ ନଗରରେ କିଛିଦିନ ରହିବାକୁ ତାଙ୍କର ଇଚ୍ଛା ହେଲା । ନଗରରେ ପହଞ୍ଚି ଗଙ୍ଗା କୂଳରେ ଗୋଟିଏ ଛୋଟ କୁଡ଼ିଆ କରି ସେଠି ରହିଲେ । ସକାଳ ଓ ସନ୍ଧ୍ୟାରେ ସେ ଭିକ୍ଷା ମାଗିବାକୁ ଯା'ନ୍ତି । ଦିନତମାମ କୁଡ଼ିଆଭିତରେ ତପସ୍ୟାରେ ବସି ରହିଥାନ୍ତି । ତାଙ୍କର ଏପରି କାମରେ କୁସୁମ ନଗର ବ୍ରାହ୍ମଣମାନେ ପ୍ରଭାବିତ ହେଲେ ଓ ହରସ୍ୱାମୀଙ୍କୁ ସ୍ନେହଦୃଷ୍ଟିରେ ଦେଖିଲେ ।

ହରସ୍ୱାମୀଙ୍କ ପ୍ରଭାବ ବଢ଼ିବା ଦେଖି,—ନଗରର ସବୁଠାରୁ ବଡ଼ ଦୁଷ୍ଟ ଲୋକ ଈର୍ଷାରେ ଜଳିଗଲା । ଏଠାରେ ବ୍ରାହ୍ମଣମାନେ ମୂର୍ଖ ଥିଲେ । ଦୁଷ୍ଟ ଏ କଥାର ଲାଭ ଉଠାଇବାକୁ ଚାହିଁଲା । ସେ ବ୍ରାହ୍ମଣଙ୍କ ଭିତରେ ଯାଇ ପ୍ରଚାର କଲା ଯେ ହରସ୍ୱାମୀ ଚତୁର, କପଟୀ । ମନୁଷ୍ୟଭକ୍ଷକ । ସେ ନଗରର ଚାରିଭାଗରୁ ଭାଗେ —ପିଲାଙ୍କୁ ଖାଇ ସାରିଲାଣି । ଏ ଦୁଷ୍ଟ ଲୋକ ସାଙ୍ଗରେ ଅନ୍ୟ ଦୁଷ୍ଟ ମଧ୍ୟ ବ୍ରାହ୍ମଣଙ୍କ ଭିତରେ ଏପରି କଥା ପ୍ରଚାର କରିବାକୁ ଲାଗିଲେ । କେହି କହିଲେ ହରସ୍ୱାମୀ ସକାଳ ସନ୍ଧ୍ୟାରେ ଭିକ୍ଷା ମାଗିବା ବାହାନାରେ ପିଲାଙ୍କୁ ଧରିବାକୁ ଯାଏ । କେହି କହିଲେ ସେ ପିଲାଙ୍କୁ ଧରିନେଇ ନିଜ କୁଡ଼ିଆରେ ରଖୁଛି ଓ ରାତିକୁ ଏମାନଙ୍କ ମଧ୍ୟରୁ ଗୋଟିଏ ଗୋଟିଏ କରି ଖାଉଛି ।

ମୂର୍ଖ ବ୍ରାହ୍ମଣମାନେ ଡରିଗଲେ । ନିଜ ନିଜ ପିଲାଙ୍କୁ ଘରେ ବନ୍ଦ କରି ରଖିଲେ । ସେମାନେ ଏତେ ଡରି ଗଲେ ଯେ ନିଜ ସଙ୍ଗରେ ପିଲାଙ୍କୁ ଧରି ବାହାରକୁ ଆସିଲେ ନାହିଁ ।

ଦିନେ ସେଇ ମୂର୍ଖ ବ୍ରାହ୍ମଣମାନେ ଗୋଟିଏ ଗୁପ୍ତ ସଭା ଡାକିଲେ । ହରସ୍ୱାମୀଙ୍କୁ କିପରି କୁସୁମ ନଗରରୁ ତଡ଼ିଦିଆ ଯିବ, ତା' ଉପରେ ବିଚାର କରିବା ପାଇଁ ଅନେକ ସମୟ ପର୍ଯ୍ୟନ୍ତ ଆଲୋଚନା ଚାଲିଲା । ଶେଷରେ ବ୍ରାହ୍ମଣମାନେ ଠିକ୍ କଲେ ଯେ, ଯେଉଁ ପ୍ରକାରେ ହେଉ ହରସ୍ୱାମୀଙ୍କୁ ଏଠାରୁ ବାହାର କରିଦିଆ ଯାଉ ଓ ସଭାର ସିଦ୍ଧାନ୍ତ ତାଙ୍କୁ ପଠାଇ ଦିଆଯାଉ ।

କିନ୍ତୁ ଏ ସିଦ୍ଧାନ୍ତ ନେଇ ହରସ୍ୱାମୀଙ୍କ ପାଖକୁ କିଏ ଯିବ ? ବ୍ରାହ୍ମଣଙ୍କର ଭୟ ଥିଲା ଯେ ତାଙ୍କ ଭିତରୁ ଯିଏ ହରସ୍ୱାମୀଙ୍କ ପାଖକୁ ଯିବ ସେ ଆଉ ଜୀଇକରି ଫେରିବ ନାହିଁ । ଶେଷରେ ଠିକ୍ ହେଲା ଯେ ସେ ଦୁଷ୍ଟମାନଙ୍କ ମଧ୍ୟରୁ ଜଣକୁ ଦୂତ କରି—ହରସ୍ୱାମୀଙ୍କ ନିକଟକୁ ପଠାଯାଉ ।

Deb's Library Corner...

ମୁଖିଆ ଦୁଷ୍ଟ ଲୋକ ଦୂତ ଭାବରେ ହରସ୍ୱାମୀଙ୍କ ନିକଟକୁ ଗଲା । ସେ କୁଡ଼ିଆ ପାଖରେ ପହଞ୍ଚି ଦେଖିଲା ହରସ୍ୱାମୀ ନିୟମ ଅନୁସାରେ ପୂଜାପାଠ କାମରେ ମଗ୍ନ । ଏହା ଦେଖି ସେ ନିଜ ମନେ ମନେ କହିଲା—"ରେ ଠକ ! ଆଜି ତୋତେ କୁସୁମ ନଗରରୁ ଚାଲି ଯିବାକୁ ପଡ଼ିବ ।

ପୁଣି ଜୋରରେ କହିଲା—ହେ ତପସ୍ୱୀ ! ଶୁଣୁଛୁ ? ଏ ନଗରର ବ୍ରାହ୍ମଣଙ୍କ ଆଦେଶ ହେଉଛି ଯେ ତୁ ଶୀଘ୍ର ଏଠାରୁ ଅନ୍ୟ ସ୍ଥାନକୁ ଚାଲିଯା ! ହରସ୍ୱାମୀ ଆଶ୍ଚର୍ଯ୍ୟ ହୋଇ କହିଲେ—କାହିଁକି ? ବ୍ରାହ୍ମଣଙ୍କର ଏପରି ଅନ୍ୟାୟ ଆଦେଶ କାହିଁକି ?

ଦୁଷ୍ଟ ଲୋକ—ତୁ ଯେଉଁ ପିଲାଙ୍କୁ ଦେଖୁଛୁ ତାଙ୍କୁ ଧରିନେଇ ଖାଇ ଦେଉଛୁ ! ସାରା ନଗରରେ ହାହାକାର ପଡ଼ି ଯାଇଛି ।

ହରସ୍ୱାମୀ—ମୁଁ ପିଲାଙ୍କୁ ଖାଇ ଯାଉଛି ?

ଦୁଷ୍ଟ ଲୋକ—ହଁ ବର୍ତ୍ତମାନ ଏ ନଗରରୁ ଚାଲିଯିବା—ପାଇଁ ପ୍ରସ୍ତୁତ ହୋ ।

ଏହା ଶୁଣି ହରସ୍ୱାମୀ ଏହି ଦୁଷ୍ଟକୁ ବୁଝାଇବାପାଇଁ ଆଗେଇ ଆସିଲେ । ଏହା ଦେଖି ଏ କପଟୀ ଦୂତ ପଳାଇଗଲା ଓ ଦୌଡ଼ି ଦୌଡ଼ି ଯିବାବେଳେ ବଡ଼ ପାଟି କରି କହୁଥାଏ—'ସାବଧାନ, ହରସ୍ୱାମୀ ପିଲାମାନଙ୍କୁ ଖାଇବାକୁ ଆସୁଛି ।"

ଆପଣାର ଦୂତର ଏ ହାଲ ଦେଖି ବ୍ରାହ୍ମଣମାନେ ବଡ଼ ଭୟଭୀତ ହେଲେ । ସେ ନିଜ ନିଜର ଘର ଛାତ ଉପରକୁ ଚଢ଼ିଗଲେ ଏବଂ ଦେଖିଲେ ହରସ୍ୱାମୀ କ'ଣ କରୁଛି ।

ହରସ୍ୱାମୀ ନଗରର ଭିତରକୁ ଆସିଲେ । ଆଶ୍ଚର୍ଯ୍ୟ ଭାବରେ ଏ ପାଖ ସେ ପାଖକୁ ଚାହିଁଲେ । ବ୍ରାହ୍ମଣମାନଙ୍କୁ ନିଜ ନିଜ ଘର ଛାତ ଉପରେ ଚଢ଼ିଥିବା ଦେଖି ତାଙ୍କ ମୂର୍ଖତାରେ ହସିଲେ । ସେ ପ୍ରତ୍ୟେକ ବ୍ରାହ୍ମଣମାନଙ୍କ ନାମ ଧରି ପଚାରିଲେ "ତୁମର ପିଲାମାନେ ତମ ଘର ଅଗଣାରେ ଖେଳୁଛନ୍ତି ଘରେ ରହିଛନ୍ତି ନା ମୁଁ ଖାଇଯାଇଛି ?

କଥାର ସତ ମିଛ ନ ବୁଝି କାହିଁକି ଦୁଷ୍ଟଙ୍କ କଥା ମାନି—ନେଉଛ ସେ ତୁମକୁ ବିପଦରେ ପକାଇ ଦେବେ ।

ହରସ୍ୱାମୀଙ୍କ କଥା ଶୁଣି ବ୍ରାହ୍ମଣମାନେ ଜଣେ ଅନ୍ୟ ଜଣଙ୍କୁ ଚାହିଁଲେ । ନିଜ ଭିତରେ ବିଚାର କରି କହିଲେ—ହରସ୍ୱାମୀ ଠିକ୍ କହିଛନ୍ତି । ଆମର ପିଲା ତ ବଞ୍ଚିଛନ୍ତି ।

ଏହା ପରେ ସେମାନେ ଛାତରୁ ଓହ୍ଲାଇ ଆସିଲେ ଓ ନିଜର ମୂର୍ଖତା ପାଇଁ ଦୁଃଖ କଲେ । ସେ ଦିନଠାରୁ ହରସ୍ୱାମୀଙ୍କୁ ନଗରର ବନ୍ଧୁ ବୋଲି ସମ୍ମାନ ଦେଇ ଦୁଷ୍ଟ ଲୋକଙ୍କୁ ସେ ଗାଁରୁ ତଡ଼ିଦେଲେ । *

---

* ସୋମଦେବଙ୍କ 'କଥା-ସରିତସାଗର'ର ମୋ ଅପ୍ରକାଶିତ ଅନୁବାଦ ପୁସ୍ତକରୁ ।

ବାବୁଲାର ଭାବନା

କୁମାରୀ ଉମାଦାସ

“ହେ ଚ୍ଚେରେଶକା ରାତି ନ ପାହୁ କାଉଟା କହେ କା
କୁକୁଡ଼ା କହେ କକ୍‌ରେକକ୍ ନିଦ ମାଉସୀ ଯା ।

କୋଇଲି କହେ କୁହୁ କୁହୁ ସରୁଗଲାଟା ଝାଡ଼ି
ଉଠରେ ପିଲେ ସକାଳ ହେଲା ଯାଆରେ ପାଠ ପଢ଼ି ।

କାନ୍ଥରେ ଥାଇଁ ଝିଟିପିଟିଟା କୋଇଲି କଥା ଶୁଣି
“ସତ୍, ସତ୍, ସତ୍” ଟେକ୍ କଥା କହି ମାରୁଛି ତାଳ ।

ପାଞ୍ଚ ଉପରେ ହାତଟା ରଖି ଡାକେ ଚଗଲା ଘଡ଼ି
ରାତି ପାହିଲା ସକାଳ ହେଲା ବିଛଣା ଦିଅ ଗୁଡ଼ି ।

ରେଜେଇଟାରେ ମୁହଁଟା ଢାଙ୍କି ବାବୁଲା ଭାବେ ମନେ
ନିତି ଦିନଆ ଜଞ୍ଜାଳ ଇଏ ଶାନ୍ତି ନାହିଁ ଦିନେ ।

କୁଆ, କୋଇଲି, କୁକୁଡ଼ା, ଘଡ଼ି, ଏଗୁଡ଼ା ବଡ଼ ପାଜି
ଶୁଣିବି ନାହିଁ କାହାରି ଡାକ ଉଠିବି ନାହିଁ ଆଜି ।

ନଇଛି ମୋର ସକାଳଟାରୁ ବୁହାଳୀ ଯିବ କଏ ?
ବାପା, ବୋଉ ତ ବୁଝିଲେ ନାହିଁ ବୁଝିବ ଦୁଃଖ କଏ ?

ହାତେ ଲମ୍ବର ଚୂଟି ସାଙ୍ଗକୁ ନଣ ଦୁଇଟା ପୁଣି
ମାଷ୍ଟରଙ୍କର ଆଖିକୁ ଦେଖି ରକତ ହୁଏ ପାଣି ।

ଆଃ ପିଲ୍ଲନ କରନ୍ତ ପଢ଼ା ମା, ଇମା, ଇବର
ପଟ୍ଟର ଦେଇ ଦୁଷ୍ଟ ମାଷ୍ଟର ବସାଇବ ପାହାର ।

ବଡ଼ ନଷ୍ଟୁର ଛୁଆଙ୍କ ପାଇଁ ଦୟା ମାୟା ଟା' ନାହିଁ
ଯେତେ କହିଲେ ସକାଳ ବେଳା ଛୁଟି ମିଳଇ ନାହିଁ”—

ବଡ଼ ମଉଜେ ବାବୁଲି ଶୋଇ ଭାବୁଛି କେତେ କଥା
ଉଠିବୁ ନା ତୁ ଦୁଷ୍ଟ ଭାଇ ଶୋଇଥିବୁ କି ଗଧା ?”

ବାପାଙ୍କ ପାଟି ଶୁଣି ତାହାର ଭାବନା ଗଲା ହଜି
ଚଟ୍ କରି ସେ ଉଠି ପଡ଼ିଲା ପାଠକଥା ଟା ହେଜି ।

ପରିବା କିଣା

ଶ୍ରୀ ରାମଚନ୍ଦ୍ର ମହାନ୍ତି

ନାଣ୍ଡିପୁର ଗାଆଁରେ ଜଣେ ପଣ୍ଡିତ ଥିଲେ । ତାଙ୍କ ଦାଣ୍ଡପିଣ୍ଡାରେ ବସି ସମସ୍ତଙ୍କୁ କେତେକାଣ୍ଡ ନୀତି ପଢ଼ନ୍ତି । ଘର କଥା ତୁଣ୍ଡରେ ଧରନ୍ତି ନାହିଁ, ଖାଲି ଗଣ୍ଡାଏ ଖାଇବାକୁ ଯାଆନ୍ତି । ତାଙ୍କର ନଣ୍ଡା ବୋଲି ଗୋଟିଏ ଚାକର ଥାଏ । ଘର କାମ ସେ ସବୁ କରି ନଏ ।

ଥରେ କଅଣ ହେଲା ନା ନଣ୍ଡାକୁ ଭାରି ଜର ହେଲା । ସେଦିନ ଘରେ ପରିବାପତ୍ର କିଛି ନ ଥାଏ । କାହାକୁ ପଠେଇଲେ କାଳେ କିଏ ପଇସା ଠକି ନବ ବା ଭଲ ପରିବାପତ୍ର ବାଛି କରି ନ ଆଣିବ ଏଥିପାଇଁ ପଣ୍ଡିତେ ନିଜେ ପରିବା କିଣିବାକୁ ଗଲେ ।

ନଣ୍ଡାମୁଣ୍ଡକୁ କାଳେ ଖରା କାଟିବ ଏଥିପାଇଁ ସେ ଗୋଟାଏ ପାଚିଲା ଗାମୁଛା ଚଉତାଇ ମୁଣ୍ଡରେ ପକାଇଲେ । ଖଣ୍ଡପଡ଼ାରୁ ଆଣିଥିବା ବାଙ୍କ ବାଡ଼ିଟି ଓ ଗଣ୍ଡରପୁରରୁ ଆଣିଥିବା ନୂଆ ବସ୍ତାଟି ଧରି ବଜାରକୁ ଚାଲିଲେ । ଦାଣ୍ଡରେ ଯିଏ ଦେଖିଲା ପଚାରିଲା—କିଏ ପଣ୍ଡିତେ, ତମେ କୁଆଡ଼େ ଆଜି ଦାଣ୍ଡେଇଚ ? ପଣ୍ଡିତେ କହିଲେ—ନଣ୍ଡାକୁ ଜର ତେଣୁ ଯାଉଚି ପରିବା କିଣିବାକୁ । ନ ଆଣିଲେ ଗଣ୍ଡା ଚଳିବ କେମିତି ?

ଏମିତି ଯିଏ ପଚାରେ କହି କହି ପଣ୍ଡିତେ ଯାଉଥାନ୍ତି । ତୁଣ୍ଡରେ ରାମ ରାମ ଗାଉଥାନ୍ତି । [illegible] ପରିବା ଦୋକାନ ପାଖେଇ ଆସିଲା । ପଣ୍ଡିତେ ଯାଇ ଗୋଟାଏ ଦୋକାନରେ ପହଞ୍ଚିଲେ । ସେଠାରେ ନାନାଜାତିର ପରିବା ଦେଖି କଅଣ କଅଣ ନେବେ ମନେ ମନେ ଭାବିବାକୁ ଲାଗିଲେ । ପଣ୍ଡିତିଆ ଲୋକଙ୍କ ମୁଣ୍ଡରେ ଭାରି ବୁଦ୍ଧି ।

ପହିଲେ ତାଙ୍କ ନଜରଟା ବିଲାତିଆଳୁ ଉପରେ ପଡ଼ିଗଲା । ଭଲ ପରିବା ବୋଲି ସମସ୍ତଙ୍କ ତୁଣ୍ଡରୁ ସେ ଶୁଣନ୍ତି; କିନ୍ତୁ ନିଜେ ଖାଇ ଜାଣିଛନ୍ତି ଯେ ଖୁବ୍ ଆମ ହୁଏ । ତେଣୁ ତାକୁ ନେବାର ଚିନ୍ତା କଲେ ନାହିଁ । ତାପରେ ବାଇଗଣ ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା । ବାଇଗଣ ସମସ୍ତଙ୍କ ପାଇଁ ପଥ୍ୟ ତେଣୁ ତାକୁ ନେବେ ବୋଲି ଠିକ୍ କଲେ; କିନ୍ତୁ କେଜାଣି କାହିଁକି ସେ ପୁଣି ପଛକୁ ହଟି ଆସି ଭାବିବାକୁ ଲାଗିଲେ—ବାଇଗଣର ଅନ୍ୟ ନାମ ବେଗୁଣ; ଅର୍ଥାତ୍ ଗୁଣହୀନ ଖାଦ୍ୟ—ଏଣୁ ପଇସା ଦେଇ ଏମିତି ଗୁଣ ନ ଥିବା ପରିବା ନେବି କାହିଁକି ? ଏହାପରେ ଅମୃତଭଣ୍ଡାରେ ପଣ୍ଡିତ ମହାଶୟଙ୍କ ଦୃଷ୍ଟି ପଡ଼ିଗଲା । ତାହା ଝାଡ଼ା ସଫା କରାଏ ବୋଲି ମନେ ମନେ ଖୁସିଟାଏ ହୋଇଗଲେ ନେବାକୁ । ମାତ୍ର ତା'ର ମଇଆଗନ୍ଧ ମନେ ପଡ଼ିବାରୁ ସଙ୍ଗେ ସଙ୍ଗେ ତାକୁ ଛାଡ଼ି ଦେଇ ଅନ୍ୟ ଆଡ଼େ ଦୃଷ୍ଟି ପକେଇଲେ । ଆଖି ଆଗରେ ସୁନ୍ଦରିଆ ଭେଣ୍ଡିର ଛବି ଉକୁଟି ଗଲା । ପଣ୍ଡିତ ମହାଶୟେ ନେବାକୁ ଠିକ୍ କରିଦେଲେ; କିନ୍ତୁ ସଙ୍ଗେ ସଙ୍ଗେ ତାଙ୍କର ମନେ ପଡ଼ିଗଲା ଯେ ଭେଣ୍ଡି ଖୁବ୍ ଆମ—ଆଉ ସାଇର ଭେଣ୍ଡା ଜଣେ ଏଇ ଭେଣ୍ଡି ଖାଇ ମରିଯିବାର ପ୍ରବାଦ ଅଛି । ଏଣୁ ତା ଆଡ଼ୁ ଆଖି

ଫେରାଇ ନେଲେ । ଏବେ ଆଖି ଆଗରେ ପିଆଜ ଷଣ୍ଢା ପଡ଼ିଗଲା । ପଣ୍ଡିତିଆ ଲୋକ ପିଆଜ, ରସୁଣ ଖାଆନ୍ତି ନାହିଁ । ଏଣୁ ପଣ୍ଡିତଙ୍କ ଆଖି ତା ଆଡ଼ୁ ଅନ୍ୟ ଆଡ଼କୁ ଗଲା । ଏଥର ହାବୁଡ଼ିଗଲା ସାରୁ । ପଣ୍ଡିତଙ୍କ ମନକୁ ସାରୁଟା ପୂରା ଅଧିକାର କରିନେଲା । କାହିଁକି ନା ସାରୁ ପରିବା ଭିତରେ ପବିତ୍ର । ହବିଷକୁ ପହିଲେ ଦରକାର । ଏଣୁ ପଣ୍ଡିତିଆ ଲୋକଙ୍କୁ ଭଲ ଖାପେଇବ; କିନ୍ତୁ ଥରେ ସାରୁ ଖାଇ ପଣ୍ଡିତ ମହାଶୟଙ୍କର ଅଣ୍ଟା ଏପରି ଧଇଲା ଯେ, ସେରେ ଗୁଗଳାଦି ଘତ ଓ ଟଙ୍କାକର ନୂଆ ପଇସା ଯେତିକି ସେତିକିଟା ଇଞ୍ଜେକ୍‌ସନ ଦେବାରେ ଯାଇ ଟିକିଏ ଥୟ ହେଲା ।

ଏହାପରେ କଲରା, କୋବି, କଖାରୁ, ପୋଟଳ ପ୍ରଭୃତି କେତେ ଜାତିର ପରିବା ଦେଖି ପଣ୍ଡିତ ମହାଶୟ ତାଙ୍କର ସୂକ୍ଷ୍ମ ବୁଦ୍ଧି ସାହାଯ୍ୟରେ ସେମାନଙ୍କୁ ଅଖାଦ୍ୟ ବୋଲି ଠିକ୍ କରି ନେଇ କଅଣ ନେବେ ଭାବୁଛନ୍ତି ।

ଏଇମିତି ଭାବୁ ଭାବୁ ଦୋକାନୀଟା କହିଲା—ପଣ୍ଡିତ ମହାଶୟ, ଆପଣ କେତେବେଳୁ ଠିଆ ହେଲେଣି । କଅଣ ପରିବା ନେବେ ନିଅନ୍ତୁ । ଲୋକ ଗହଳରେ ମୁଁ ଆପଣଙ୍କୁ ଅନେଇ ପାରିନାହିଁ । ଆପଣ ତ ଦି'ଦଣ୍ଡ ହେଲା ଦଣ୍ଡ ପାଇଲା ପରି ଠିଆ ହୋଇଚନ୍ତି ।

ପଣ୍ଡିତେ ଏ କଥା ଶୁଣି କହିଲେ - ଆହେ ତମ ଦୋକାନରେ ତ ଭଲ ପରିବା ନାହିଁ । ଆଉ ମୁଁ ନେବି କଅଣ ?

ଦୋକାନୀଟା କହିଲା ଯଦି ଏ ସବୁ କିଛି ଆପଣଙ୍କ ମନକୁ ନ ପାଉଚି ତେବେ ଏଇକା ଛତୁଁ ଓ କୁନ୍ଦୁରୀ ନିଅନ୍ତୁ ।

ଏଥର ପଣ୍ଡିତେ କହିଲେ—ଛତୁଁ ତ ଭାରି ବାତ—ଖାଇଲେ ମୋଟେ ହଜମ ହବନି । କୁନ୍ଦୁରୀ ଅବଶ୍ୟ ଭଲ ପରିବା ହେଲେ ହେଁ ତାହା ବୁଦ୍ଧି ନାଶ କରେ । ଆମ ପଣ୍ଡିତିଆ ବୁଦ୍ଧିଟିକ ଯଦି ସେ ମାରିଦିଏ ତେବେ ଆମର ଓଜନ ଆଉ ସମାଜରେ ରହିବ ନାହିଁ । ଏଣୁ ଏ ସବୁ ପରିବାକୁ ପଇସା ଦେଇ କୋଉ ବୋକା କିଣିବ ?

ଦୋକାନୀଟା ପଣ୍ଡିତଙ୍କର ଏଇମିତି କଥା ଶୁଣି ମନେ ମନେ ରାଗି ଆଉ କିଛି କହିଲା ନାହିଁ । ପଣ୍ଡିତେ ମଧ୍ୟ ସେଠାରୁ ପରିବା ନ ପାଇ ଅନ୍ୟ ଆଡ଼େ ଯାଇ ପରିବା ଖୋଜିଲେ । ଏଣେ ଏଗାରଟା ବାଜିଲାଣି । ପଣ୍ଡିତଙ୍କୁ ମଧ୍ୟ ଭୋକ ଲାଗିଲାଣି । ପଣ୍ଡିତେ ପରିବା ନେବେ କି ସେଇମିତି ଫେରିଯିବେ ଭାବୁଛନ୍ତି—ଜଣେ ଲୋକ ମୁଣ୍ଡରୁ ଗୋଟାଏ ବୋଝ ସେଇଠି ଥୋଇଲା । ପଣ୍ଡିତେ ତାକୁ ଦେଖି ଖୁସି ହୋଇ ପଚାରିଲେ—ଏ ଭଲ ଓଲୁଅଟି ? ଲୋକଟି କହିଲା—ହଁ ଆଜ୍ଞା ବାରିରେ କରିଥିଲି । ପଣ୍ଡିତଙ୍କର ବାରି ଓଲୁଅର ନାଆଁ ଶୁଣି ଜିଭରୁ ନାଳ ଗଡ଼ି ପଡ଼ିଲା । ତେଣୁ ସେ କହିଲେ—ବୋଝଟିକୁ କେତେ ନବ କହ ? ସବୁ ରଖି ଦବା—ବୃଥାରେ କାହିଁକି ବାରଦୁଆର ବୁଲିବ ?

ହବୁତକ ବିକ୍ରୀ ହୋଇଯିବା ଆଶାରେ ଏକଟଙ୍କା ସତାବନ ନୂଆ ପଇସାରେ ବୋଝିଆଟି ରାଜି ହୋଇ ପଣ୍ଡିତଙ୍କ ଘରେ ଦେଇ ଆସିଲା ।

ତେଣେ ପଣ୍ଡିତିଆଣୀ ଭାତ ରାନ୍ଧି ବସିଛନ୍ତି । ପଣ୍ଡିତେ ପରିବା ନେଲେ ତରକାରୀ ହବ । ତାଙ୍କୁ ବି ଭୋକ ଲାଗିଲାଣି । କଅଣ ଭଲ ପରିବା ଆଣୁଛନ୍ତି ବୋଲି ପ୍ରଥମେ ପଣ୍ଡିତିଆଣୀ ଖୁସି ହୋଇ-ଗଲେ; କିନ୍ତୁ ଓଲୁଅ ଦେଖିଲାବେଳକୁ ତାଙ୍କ ମୁଣ୍ଡ ଭିତରେ ନିଆଁ ଖେଳିଗଲା ।

ପଣ୍ଡିତେ ବହୁତ କଥା ବୁଝାଇ ଶେଷରେ ପଣ୍ଡିତିଆଣୀଙ୍କୁ ଥୟ କରାଇଲେ । ଏଥର ପଣ୍ଡି-ତିଆଣୀ ରନ୍ଧାବଢ଼ାରେ ଲାଗିଲେ । ପଣ୍ଡିତେ ସଟଉଁ ବଟଉଁ କରି ତାଙ୍କ ନିତ୍ୟକର୍ମ ସାରି ଭାତ ବାଢ଼ିବାକୁ କହିଲେ ।

ପଣ୍ଡିତେ ଭୋକ ବିକଳରେ ଦି'ଗୁରିଗୁଣ୍ଡା ଆଖି କାନ ବୁଜି ଗିଳିଦେଲେ । ଏଣିକି ତାଙ୍କ ପାଟି ଭିତର ଥୋଡ଼ା କୁଣ୍ଡେଇ ହେଲା ପରି ଲାଗିଲା । ବେଳକୁ ବେଳ ସେଇ କୁଣ୍ଡେଇ ହବାଟା ବଢ଼ିଲା । କୁଣ୍ଡେଇ ହେବା ସାଥେ ସାଥେ ମଧ୍ୟ ଫୁଲି ଆସିଲା । ପଣ୍ଡିତଙ୍କର ଭୋକ ଟିକିଏ କମି ଯିବାରୁ ଏ କଷ୍ଟଟା ତାଙ୍କୁ ପୂରା ଜଣା ପଡ଼ିଗଲା; କିନ୍ତୁ ଗଲୁ ଲାଗୁଚି ବୋଲି ସେ କହୁ ନ ଥାନ୍ତି ନିଜେ ଆଣିଚନ୍ତି ବୋଲି । ପଣ୍ଡିତିଆଣୀ ପଣ୍ଡିତଙ୍କର ମୁଖଭଙ୍ଗୀ ଓ ଫୁଲା ଦେଖି ଠଉରେଇ ନେଇ ପଚାରିଲେ—କଅଣ ଗଲୁ ଲାଗୁଚି କି ?

ପଣ୍ଡିତେ—ହଁ, ସାମାନ୍ୟ ଟିକିଏ ଲାଗିଲା ପରି ବୋଧ ହେଉଚି ।

ପଣ୍ଡିତିଆଣୀ—କଅଣ ମୁହଁ ଫୁଲି ସାରିଲାଣି—ସାମାନ୍ୟ ଲାଗୁଚି କହୁଚ ଏଗୁଡ଼ା ତ ବଣ ଓଲୁ ।

ପଣ୍ଡିତିଆଣୀଙ୍କର ମନ୍ତବ୍ୟ ଶୁଣି ପଣ୍ଡିତ ମହାଶୟଙ୍କର ଗଲୁ ଶହେ ନୂଆ ପଇସାରେ ପରିଣତ ହେଲା ଓ କଷ୍ଟରେ ସେ ଆଲେ ବୋପାଲୋ ଆଲୋ ମାଆଲୋ ହୋଇ ବାଇଆଙ୍କ ପରି ହେଲେ ଭାତ ଖିଆ ଛାଡ଼ି ।

ପଣ୍ଡିତିଆଣୀ ସାଇର ଦି'ଘରି ଘର ବୁଲି ଆମ୍ବୁଲ ମେଞ୍ଚାଏ ଆଣି ଫେରିଲେ । ସେତେ-ବେଳକୁ ପଣ୍ଡିତେ ଦୁଆରେ ଲଙ୍ଗଳାମୁକୁଳା ହୋଇ ଗଡ଼ୁଚନ୍ତି । ଆମ୍ବୁଲ ଦି'ଘରି ଫଡ଼ା ପଣ୍ଡିତିଆଣୀଙ୍କ ପରାମର୍ଶରେ ଚଟାଚଟି କରିବାରେ ତା'ଆର ଦିନ ସେତିକିବେଳକୁ ଫୁଲା ଓ ଗଲୁ କମିଗଲା ।

ସେଇ ଦିନଠୁ ପଣ୍ଡିତଙ୍କୁ କେହି ପରିବା କିଣି ଯିବାର ଦେଖି ନାହିଁ ।

ସେଇ ପିଲାଟି

କୁମାରୀ ନିରୁପମା ଦାସ

ଆମରି ପରି ସେ ପିଲାଟିଏ ଥିଲା ବାପମା'ଙ୍କର ପରାଣଧନ
କାଖେଇ କୋଳେଇ ପାଳିଥିଲେ ତାକୁ ସେନେହ ଶରଧା କରି ଯତନ ।

ଆକାଶକୁ ନିତି ଚାହିଁ ସେ ପିଲାଟି ଭାବୁଥାଏ ଇଏ କାହାର ଦେଶ
ବାଟ ଘାଟ ଚିହ୍ନା ଦିଶୁ ନାହିଁ କିଛି କିମିତି କରନ୍ତି ତହିଁ ଯା'ଆସ ।

ବଡ଼ ହୋଇ ଯେବେ ପାଠ ସେ ପଢ଼ିଲା ଜାଣିଲା ସେ ଦେଶ ବୁଲିବା ପାଇଁ
ମଣିଷର ପାଇଁ ମଣିଷ ତିଆରି ଯାନଟିଏ ଅଛି ତିଆରି ହୋଇ ।

ଉଡ଼ାଜାହାଜରେ ବସି ତହୁଁ ସିଏ ଶୂନ୍ୟ ଆକାଶରେ ଉଡ଼ି ବୁଲିଲା
ଆକାଶରୁ ଥାଇଁ ଚନ୍ଦ୍ର ସୂର୍ଯ୍ୟ ତାରା ମହା ଆନନ୍ଦରେ ବୁଲି ଦେଖିଲା ।

ଜହ୍ନ ମାମୁଁଟିର ନାଲିଆ ରୂପଟି ଦେଖି ସେ ଭାବିଲା ମନରେ ତା'ର
ନୂଆ ଗାଡ଼ିଟିଏ ତିଆରି ହୋଇଲେ ବୁଲି ସେ ଆସନ୍ତା ଥରେ ତା'ଘର ।

ମନର କଥା ତା' ମନେ ଥାଏ ଲୁଚି, ଦିନେ ସେ ଶୁଣିଲା ଦେଶ ଡାକରା
କିଏ ଅଛି ବୀର ନୂଆ ଯାନେ ଚଢ଼ି ଘୂରି ଆସିବ ଏ ଶୂନ୍ୟ ସାରା ।

ମୁଁ ଯିବି—ସାହସରେ କମର ଭିଡ଼ି ସେ ଆଗେଇଲା ମହା ଅଭିଯାନରେ
ଟିକି ଟିକି ଝିଅ—ଘରର ଘରଣୀ ରଖିଦେଇଗଲା ଏକଲା ଘରେ ।

ଘିରି ଘିରି ଘିରି ଶବଦ କରି ସେ ଯାନଟି ଉଠିଲା କି ଖରତରେ
ଘାଉଲା ହୋଇ ତ ଚାହିଁଥିଲେ ଖାଲି ଯେତେ ଲୋକ ଥିଲେ ମାଟି ଉପରେ ।

ଚାହୁଁ ଚାହୁଁ ସିଏ ମିଶିଗଲା ଏଇ ନୀଳ ଆକାଶର ନୀଳ ଗୁନ୍ତରେ
ନିମିଷ ମଧ୍ୟରେ ଉଡ଼ି ଚାଲିଗଲା ଏ ପୃଥିବୀଠାରୁ ଅନେକ ଦୂରେ ।

ଆମରି ଏ ଗ୍ରହ ପୃଥିବୀକୁ ସିଏ ଶୂନ୍ୟମଣ୍ଡଳରୁ ଥାଇ ଦେଖିଲା
ଶୂନ୍ୟ ଆକାଶରେ ଭାସି ଭାସି ନୀଳ ବିନ୍ଦୁଟିଏ ପରି ସେ ଦିଶୁଥିଲା ।

ମହା ଆନନ୍ଦରେ ମହା ଶୂନ୍ୟରେ ଘୂରି ଆସିଲା ଯେ ଭାଗ୍ୟବାନ୍
ରୁଷିଆ ଦେଶର ଯୁବକ ସିଏରେ ନାମ ତା'ର ଉରି ଗାଗାରିନ୍ ।

ଦୟା-ମାୟା-ମମତା

ଶ୍ରୀ ବାଇଧର ମହାପାତ୍ର

ସନ୍ଧ୍ୟା ସମୟ—ଜଙ୍ଗଲି ରାସ୍ତା—ଛୋଟ ପିଲାଟିଏ ସେ ରାସ୍ତା ଦେଇ ଫେରୁଥାଏ । ପିଲାଟି ନାଚି ଖେଳି ଗୀତ ଗାଇ ଗାଇ ଆସୁଥାଏ—ହଠାତ୍ ଗୋଟାଏ ଗଛତଳେ ସେ ଅଟକି ଗଲା । ଦେଖିଲା—ଗଛମୂଳ ଗଣ୍ଠିଟାରେ ଗୋଟାଏ ଛୋଟ କୋରଡ଼—କୋରଡ଼ ଭିତରେ ଦୁଇଟି ସୁନ୍ଦର ଧଳା ଧଳା ଅଣ୍ଡା—ଅଣ୍ଡା ଉପରେ ଗୋଟିଏ ସୁନ୍ଦର ଛୋଟିଆ ପକ୍ଷୀ ।

ପିଲାଟିର ବାଲସୁଲଭ କୌତୂହଳ ଚେଇଁ ଉଠିଲା । ସେ ଭାବିଲା—ଅଣ୍ଡା ଦୁଇଟି ନେଇଯିବ । ମା'କୁ ଦେଖେଇବ—"ଦେଖ ମା, କେମିତିକା ବଢ଼ିଆ ଜିନିଷ । ସାନ ସାନ ଭାଇ ଭଉଣୀଗୁଡ଼ା "ମୋତେ ଦେ ମୋତେ ଦେ" ପାଟି କରି ଚାରିପଟେ ଘେରି ହାତ ବଢ଼େଇବେ । ବଡ଼ ମଜା ହେବ । ମା ବି ଖୁସି ହେବେ ।

ସେ କୋରଡ଼ଆଡ଼େ ମୁହାଁଇଲା । ପକ୍ଷୀଟି ସେଠୁ ଉଡ଼ିଗଲା—ଗଛଶିଖ ଡାଳ ଉପରେ ଯାଇ ବସିଲା ।

ପିଲାଟା କୋରଡ଼ ଭିତରକୁ ହାତ ବଢ଼ାଇଲା—ପକ୍ଷୀଟି ଚାଁ ଚାଁ ଶବ୍ଦ କରି ଗଛ ଉପରେ ଉଡ଼ି ବୁଲିଲା—ବାଳକ ମନରେ ଡର ହେଲା । ସେ ହାତ ଫେରାଇ ଆଣିଲା ।

"ହୁଁ. ଅଣ୍ଡା ସେ ନେବ ।" ମନରେ ତା'ର ପୁଣି ଜୋର ଆସିଲା । ଏଥରକ ଅଣ୍ଡା ଦୁଇଟା ଉଠାଇ ଆଣିଲା—ଅତି ଚଞ୍ଚଳ । ପକ୍ଷୀଟି ବିକଳରେ ବଡ଼ ରଡ଼ି କଲା । ପିଲାଟି ଅଣ୍ଡା ଦୁଇଟି ଧରି ଖୁବ୍ ଜୋରରେ ଦଉଡ଼ିବାକୁ ଲାଗିଲା ।

ଘରେ ପହଞ୍ଚି ଦମ୍ ନେବ କଅଣ ? ସେମିତି ଧଇଁ ସଇଁ ହୋଇ ମା'କୁ କହିଲା—"ଦେଖ୍ ମା ଦେଖ୍ କେମିତି ବଢ଼ିଆ ଜିନିଷ ! ମୁଁ ଆଣିଛି ।"

ମା; କିନ୍ତୁ ପିଲାଟିର ଖୁସିରେ ଖୁସି ହୋଇପାରିଲେ ନି । ତା'ର ବିପରୀତ ଭାବ ପ୍ରକାଶ କଲେ । ତାଙ୍କର ଚେହେରା ବଡ଼ ଗମ୍ଭୀର ଦେଖାଗଲା । ତା ପରେ ସେ କହି ଉଠିଲେ—"ଆରେ ଆରେ ଅବୋଧ··· ତୁ ଏ କ'ଣ କଲୁ ?"

ପିଲାଟି ଦବିଯାଇ କହିଲା—"ଦେଖୁନୁ—କିପରି ସୁନ୍ଦର ? ମୁଁ ଖେଳିବି ବୋଲି ନେଇ ଆସିଲି ।

ମା କହିଲେ—"ତୁ ତ ଭାବିଲୁ ନି ପକ୍ଷୀଟି କି ହଇରାଣ ହେବ । ଥରକୁ ଥର···କେତେଥର ସେ ଅଣ୍ଡା ଦୁଇଟିଙ୍କୁ କୋରଡ଼ରେ ଖୋଜିବ···ନ ପାଇ ମୁଣ୍ଡ ପିଟି କାନ୍ଦିବ···ତୁ ଏ କ'ଣ କଲୁ ?

ପିଲାଟି ଏଥର ନିଜ ଭୁଲ ବୁଝି ପାରିଲା; କିନ୍ତୁ କ'ଣ କରିବ ? ଗତ ତ ବେଶୀ ହୋଇଗଲାଣି । ତାକୁ ଆଉ ସେ ରାତିରେ ନିଦ ହେଲାନି । କେବଳ ପକ୍ଷୀଟିର ଚାଁ ଚାଁ ଶବ୍ଦ ଅତି ଭୟଙ୍କରଭାବେ ତା କାନ ପାଖରେ ଶୁଣାଯାଉଥାଏ । ପକ୍ଷୀଟା ଯେମିତି ମୁଣ୍ଡ ଭିତରେ ଫଡ଼୍ ଫାଡ଼୍ ପର ଝାଡ଼ୁଛି ।

ବଡ଼ଭୋରୁ ସେ ଉଠି ଦଉଡ଼ିଲା । ବଡ଼ ସଅଳ ପହଞ୍ଚିଲା, ଯାଇ ଦେଖିଲା ସେଇ କୋରଡ଼ଟିରେ ପକ୍ଷୀଟି ମୁଣ୍ଡକୁ ତଳକୁ ଗୁଞ୍ଜି ଧୀର ସ୍ଥିର ହୋଇ ବସିଛି । ରାତିସାରା କାନ୍ଦି କାନ୍ଦି ବୋଧହୁଏ ଥକିପଡ଼ିଛି ।

ପିଲାଟିର ଖସ୍‌ଖାସ୍ ଶବ୍ଦରେ ପକ୍ଷୀଟି ଉଡ଼ିଗଲା । ଗଛଡାଳ ଉପରେ ବସିଲା । ବାଳକ ଅଣ୍ଡା ଦୁଇଟି କୋରଡ଼ ଭିତରେ ଥୋଇ ଦେଇ ଦୂରେଇ ଆସିଲା---କ'ଣ ହେଉଛି ଦେଖିବ ବୋଲି ।

ଗଛଡାଳରୁ ପୁଣି ପକ୍ଷୀଟି କୋରଡ଼ ଭିତରକୁ ଉଡ଼ି ଆସିଲା । ଅଣ୍ଡା ଦୁଇଟିକୁ ଦେଖି ପକ୍ଷୀର ଆନନ୍ଦରେ ତା ପ୍ରେମ ଝାଙ୍କୁରି ଉଠିଲା । ଚେରେଇଲା ଭାବେ ବାହାରକୁ ଚାହିଁ ସେ କୁଉଁ କୁଉଁ ହୋଇ କୁରୁଳି ଖାଇ ଅଣ୍ଡା ଦୁଇଟିର ଚାରିପଟେ ଘୂରିବାକୁ ଲାଗିଲା ।

ପିଲାଟି ଦୂରେଇ ଠିଆ ହୋଇ ଦେଖୁଥାଏ । ହଠାତ୍ ପକ୍ଷୀଟି ଧୀର ସ୍ଥିର ହୋଇ ବସି ରହିଲା । ତା ମନରେ ଆଉ ପୂର୍ବ ଆନନ୍ଦ ନାହିଁ । ଦୁଃଖରେ ଯେମିତି ସେ ଭାଙ୍ଗି ପଡ଼ୁଛି ।

ପିଲାଟି ଅବସ୍ଥା ବୁଝି ପାରିଲା ନାହିଁ; କିନ୍ତୁ ତା'ର ମନେ ହେଲା—ସେ ଦଉଡ଼ି ଯାଇ ପକ୍ଷୀଟିକୁ ଧରି ପକାଇ କହିବ—"ମୋତେ କ୍ଷମା କର । ମୋର ଦୋଷ ହୋଇଛି । ଏହି ଅଣ୍ଡା ଦୁଇଟିକୁ ପୁଣି ଥରେ ତୁମ ପରତଳେ ଜାକିରଖ ?"

ପକ୍ଷୀଟିର ମମତା କିନ୍ତୁ ଆଉ ଫେରିଲା ନି ।

ନିରାଶ-ବାଳକ ଭଗ୍ନ ହୃଦୟରେ ଘରକୁ ଫେରିଲା । ତା ମନତଳ ସବୁର ଟିକକ ଯେମିତି କିଏ କାଢ଼ି ନେଇଛି ।

ଏହି ଘଟଣାଟି ବାଳକର ହୃଦୟରେ ଗଭୀର ରେଖାପାତ କଲା । ଆଜୀବନ ପ୍ରାଣୀମାତ୍ରଙ୍କେ ଦୟାବାନ୍ ହେବା ପାଇଁ ସେ ସଙ୍କଳ୍ପ କଲା ।

ଏ ପିଲାଟିକୁ ଜାଣ ? ଏ ହେଉଛନ୍ତି—ଦୀନବନ୍ଧୁ ଏଣ୍ଡ୍ରୁଜ୍ । ଭାରତର ପରମ ହିତୈଷୀ ।

ସାର-କଥା

ସ୍ନେହଲତା ଦେବୀ

ଏକା ରଙ୍ଗ ହେଉ ଶୁଆର ସାଥିରେ ଟିଆ କାହିଁ ହୁଏ ସର
ବରଷା ବନା କି କୁହୁଡ଼ି ଦେହରୁ ପାଣି ପଡ଼େ କେବେ ଝର ।

ମାଆର ମମତା ମାଉସୀଠାରୁ କି ପାଏ କେବେ କେଉଁ ଜନ ?
କାଉ ଓ କୋଇଲ କଳା ହୋଇଲେ ହେଁ ସମାନ କି ତାଙ୍କ ସ୍ୱନ ।

ସାଧୁ ଚୋର ଦୁହେଁ ସଙ୍ଗାତ ବସିଲେ ମନ କି ମିଳଇ କାହିଁ ?
ରୂପ ଏକ ହେଲେ ଗୁଣ ଯୋଗୁ ଏକା ସମାନ ହୁଅଇ ନାହିଁ ।

ଗୁଣ ଲାଗି ଗୁଣୀ ଆଦର ଲଭଇ ଅଗୁଣୀ ଝୁରଇ ସିନା
ସବୁ କଥା ମଧ୍ୟେ ଏ କଥାଟି ସାର ମନେ ରଖ ମୀନା ମୀନା ।



ବଉଦ

ବଉଦନାମା ବଉଦନାମା ରହଲେ ଟିକେ ରହ !
ନୀଳ ଆକାଶେ ପବନସାଥେ ଯାଉଛ କେଣେ କହ ?
ଉଡ଼ାଇଦେଇ ନୀଳ ପଣତ ଯାଉଛ ଭାସି ଭାସି
ସରଗଦେଶୁ କେଉଁ ଅଜଣା ନୂଆ ରାଇଜେ ହସି
ନୀଳଆକାଶେ ନୀଳ ଦରିଆ ନୀଳଲହରୀ କାଟି
ସାଧବପୁଅ ବୋଇତ-ମାଳ ଯାଉଛି ଅବା ଛୁଟି ।
ମଉନ କିଆଁ ନୀରବ କିଆଁ କହଲେ ନାମା କହ
ବଉଦନାମା ବଉଦନାମା ରହଲେ ଟିକେ ରହ ।
"ବେଳ ମୋ ନାହିଁ ଠଉ ମୋ ନାହିଁ ଯିବି ଅଜଣା ଦେଶେ !
ସେଇଥି ଲାଗି ବଉଦ ମୁହିଁ ନୀଳ ଆକାଶେ ଭାସେ !
ଖରାରେ ପରା ଧରାରୁ ଆଜ ଯାଇଛି ହଜ ଶିରୀ
ସବୁଜଗଛ ଲତାରୁ ହାପୁ ସୁଷମା ଯାଏ ମରି ।
ଚପଳ ନଈ ନଥର ହୋଇ ଆଖିରେ ଝୀରେ ନୀର
ସୁନାର ଧରା ମରୁ ପାଲଟି କରୁଛି ହାହାକାର !
ବରଷା ମୁହିଁ ପଡ଼ଲେ ଝରି ଦୁନିଆ ଯିନା ହସେ
ସେଇଥିଲାଗି ବଉଦ ମୁହିଁ ନୀଳ ଆକାଶେ ଭାସେ
"ବଉଦନାମା ବଉଦନାମା ରହଲେ ଟିକେ ରହ !
ପଚାରୁଛି ମୁଁ କଥାଟିଏ ବା କହଲେ ନାମା କହ ?
ଆକାଶ-ରାଜ୍ୟେ ମନମଉଜେ ଭାସୁଛୁ ଥିରି ଥିରି
ଚିନ୍ତା ଚୋ ନାହିଁ ଭାବନା ନାହିଁ ହସୁଛୁ କରି କରି ।
ଜହ୍ନମାମୁଁର ସାଥିରେ ତୁହି ଖେଳୁଛୁ ଲୁଚକାଳି
ସରଗପୁରୀ ରାଜକୁମାରୀ ଯାଉଛୁ ଢଳି ଢଳି

ବରଷା ରୂପେ
ଫୁଟିବ ଶିର

ଶେଷରେ ତୋର
ନଇଁବୁ ସେଠି

ଝରିବୁ କଆଁ
ବଉଦନ ମା

"ନାହିଁ ମୁଁ ଆଉ
ବସାଇଦେବ

ପରଶେ ମୋର
ସବୁଜ ଶିରୀ

ନଥର ନଈ
ନୂଆ ସପନେ

ଦୁନିଆଲାଗି
ପରର ସେବା

ଚାହେଁନା ଖାଲି
ଚାହେଁ ମୁଁ ଆଜ

ଦୁନିଆ ଲାଗି
ତେଣୁ ମୁଁ ଆଉ

ମାଟି ଉପରେ
କାନ୍ଦବୁ ବସି

ଚଲ ପଥରେ
ପଡ଼ିବୁ ଝରି

ପାଇବୁ କଆଁ
ବଉଦନାମା

ରହିବ ନାହିଁ
ଚାପିଚ ଧରି

ହସିବ ଧରା
ପଚର ଧରି

ପୂରି ଉଠିବ
ସପନପୁରୁ

ପଡ଼ିବ ଝରି
କରିବ ମୁହିଁ

ବଉଦ ହୋଇ
ବରଷା ହେବ

ନଜର ସୁଖ
ରହିବ ନାହିଁ

ଝରିବୁ କଆଁ କହ
ଢାଳବୁ ସିନା ଲୁହ

ପାହାଡ଼ ହେବ ଠିଆ !
କହିଲେ ଆଜ କଆଁ ?

କଷଣ ଏତେ କହ
ରହିଲେ ଟିକେ ରହ ।

ଯିବ ଗୋ ଦୂରେ ଗୁଲି
ବରଷାଧାର ଢାଲି ।

ଫୁଟିବ ସବୁ ଚନ୍ଦ୍ରା
ନ.ଚବେ ଗଛଲତା ।

ବରଷାଧାରା ପାଇ
ଉଠିବ ଧରା ଚେଇଁ ।

ନାହିଁ ମୋ ଟିକେ ଦୁଃଖ
ଭୁଲିବ ଶୋଷ ଭୋକ ।

ହସିବ କରି କରି
ପଡ଼ିବ ଛଲେ ଝରି ।

ସବୁଗ ଯିବ ଭୁଲି
ଯାଉଛୁ ଦୂରେ ଗୁଲି ।"



ଫୁଲଝରୀ ମୂଳେ ବାଘାମ୍ବରୀ

ହରେକୃଷ୍ଣ ମହାପାତ୍ର

ବହୁତ ଦିନର ପୁରୁଣା କାହାଣୀ । ଇଏ ଅଗନା ଅଗନ ବନସ୍ତ କାହାଣୀ ନୁହେଁ କି ପରୀ ରାଇଜର ଚହକ ଚକଣ ମହକ ଗହନ କୁହୁକ ଗୋପନ କାହାଣୀ ନୁହେଁ । ଇଏ ହେଉଛି ଫୁଲଝରି ପରି ମନର ସପନ ଗହଳ ମୋହନ କାହାଣୀ ।

ଚୌଧୁରୀ ବଜାରର ଚୌ ସୈନ୍ୟମାନେ ରାଜାଦେଶ ପାଇ ଫୁଲଝରୀ ଗଛ ପାଖରେ ହାଜର ହେଲେ । ସେତେବେଳକୁ ଡଗରପଡ଼ା ରାଜ୍ୟର ଡଗର ସୈନ୍ୟମାନେ ଗଛ ଚାରିପାଖେ କିଛି ଦୂରରେ ଧାଡ଼ି ବାନ୍ଧି ରହିଛନ୍ତି । ଡଗର ସୈନ୍ୟମାନେ ସେମାନଙ୍କର ଲମ୍ବା ନଖରେ ଫୁଲଝରୀ ଗଛକୁ ବାନ୍ଧି ନେଇ ପଳେଇବାକୁ ସଜ ହେଉଛନ୍ତି ।

ଏହା ଦେଖି ଚୌମାନଙ୍କର ସେନାପତି ଲଟରଫଟ୍ ସିଂ ହୁକୁମ ଦେଲେ—ସୈନ୍ୟଗଣ, ତୁମ୍ଭମାନଙ୍କର ଲମ୍ବା ଦାଢ଼ିରେ ଫୁଲଝରୀ ଗଛକୁ ଆରେଷ୍ଟ କର । ବନ୍ଦ କରି ବାନ୍ଧି ଆଣ । ଲୁଟେଇ କରି ଏ ଗଛ ନେଇ ଚାଲିଯିବା ।

ଡଗରମାନଙ୍କର ପଞ୍ଚମବାହିନୀ ଗୁପ୍ତଚର ବେତାର ଯନ୍ତ୍ରରେ ତାଙ୍କ ଦଳକୁ ଏ ଖବର ପଠେଇ ଦେଲେ । ଲମ୍ବା ଦାଢ଼ିବାଲା ଦାଢ଼ିକୁ ସଜାଡ଼ି ଗଛ ପାଖ ପାଖ ହେଲାବେଳକୁ ଫୁଲଝରୀ ଗଛରୁ ଏକ ଭୟାନକ ଆଲୁଅ ଦେଖାଯାଉଥାଏ । ଚୌମାନଙ୍କର ଆଗେଇ ଚାଲିବା ଦେଖି ଡଗରମାନେ ତାଙ୍କର ତୀକ୍ଷ୍ଣ ନଖକୁ ତାଜା କରି ଆଗେଇଲେ ।

ଦାଢ଼ି-ନଖର ଲଢ଼େଇ ହେବା ପାଇଁ ଅଳ୍ପ ସମୟ ବାକି ରହିଲା ।

ଡଗରମାନେ ଇଷ୍ଟଦେବୀ କଣ୍ଟକ ଚଣ୍ଡୀଙ୍କୁ ସ୍ମରଣ କରୁଥାନ୍ତି । ଚୌ-ଦଳ ଇଷ୍ଟଦେବୀ ବାଘାମ୍ବରୀଙ୍କୁ ଉଡ଼ପକେଇ ଭୟାନକ ଚିତ୍କାର ଫତ୍କାର କରୁଥାନ୍ତି । ପଛରେ ବୀରବାଦ୍ୟ ଓ କାହାଳୀ, ତୂରୀ, ଭେରୀ, ଶିଙ୍ଗା ବ୍ୟୁଗୁଲ ବଂଶୀ ବାଜି ଉଠୁଥାଏ ।

ଡଗରଦଳର ଗର୍ଜର୍ଭ ସୈନ୍ୟଙ୍କର ନଖକୁ ବାରିକମାନେ ଖାଣ୍ଟି ଜଡ଼ା ତେଲରେ ମୋଡ଼ି ମୋଡ଼ି ତୀକ୍ଷ୍ଣ ପରି ମୁନିଆ ଚୋକିଆ କରୁଥାନ୍ତି ।

ଚୌମାନଙ୍କର ଲମ୍ବାଦାଢ଼ି ଭିତରେ କଣ୍ଟା ଶିଙ୍ଗପାନିଆ ଚରଚର ପଶିଯାଉଥାଏ । ଶିଙ୍ଗାରୀ ସ୍ତ୍ରୀ ଲୋକମାନେ ଫର୍ ଫର୍ ପଣତ ହଲେଇ ଦାଢ଼ିର ଅଡ଼ୁଆ ବାଳ ଭିତରୁ ଉକୁଣି ନଖ ଗଜ ଉଁ···ଉଁ କରି ମାରିଦେଇ କୁଣ୍ଡେଇ ପକଉଥାନ୍ତି ।

Deb's Library Corner...

ଢ ରାଜ୍ୟର ସୈନ୍ୟଦଳ ଗଛମୂଳକୁ ଆଗେଇ ଗଲେ । ପଛରେ ଖୁବ୍ ଦୂରରେ ରହିଥାନ୍ତି ଡଗର ସେନାପତି କଟର ସିଂ ସାମନ୍ତ । ଦାଢ଼ିଆ ଚୌ ସେନାପତି ଦାଢ଼ିକୁ ଟେକେଇ ରଞ୍ଜେଇ ଖଞ୍ଜେଇ ତାଙ୍କ ଚୌ-ଦଳ ପଛରେ ରହି ଅଡ଼ର ପରେ ଅଡ଼ର ଝାଡ଼ୁଥାନ୍ତି ।

ଢ' ଦଳର ଆଗୁଆ ସୈନ୍ୟ ଗଛ ଆଡ଼କୁ ଆଗେଇଲେ । ଫୁଲଝରି ଗଛର ଆଲୁଅ ଅଳ୍ପ ଅଳ୍ପ ଦିଶୁଥିଲା । ଦାଢ଼ିଆମାନେ ଗହଳିଆ ଗଛକୁ ଓହଳ ଢଳରେ ବହଳ ଦାଢ଼ିରେ ବାନ୍ଧି ପକେଇଲେ । ଆରେଷ୍ଟ କରି ପକେଇଲେ ।

ଏଇ ସମୟରେ ଡଗର ନଖୁଆ ସୈନ୍ୟ ଆଗେଇ ଆସିଥାନ୍ତି । ନଖ-ତୀକ୍ଷ୍ଣରେ ଗଛମୂଳକୁ ଖୋଳି ଉପାଡ଼ିବାରେ ଲାଗିଥାନ୍ତି । ଦାଢ଼ିଆମାନେ ଗଛକୁ ଆରେଷ୍ଟ କରି ଦାଢ଼ିରେ ଟାଣିଲେ । ଗଛମୂଳେ ନଖୁଆମାନେ ଦାଢ଼ି ଦାଉ ସମ୍ଭାଳି ନ ପାରି ଆତ୍ମରକ୍ଷା ପାଇଁ ନଖ-ଅସ୍ତ୍ର ପ୍ରୟୋଗ କଲେ ।

ଦାଢ଼ି ନଖର ଲଢ଼େଇ ଚାଲିଲା ।

କେତେବେଳେ ନଖର ତୀକ୍ଷ୍ଣମାଡ଼ରେ ଦାଢ଼ିସବୁ ଅଡୁଆ ଛଡୁଆ ହୋଇ ଉପୁଡ଼ିଲା ତ କେତେବେଳେ ଦାଢ଼ି ଗହଳରେ ନଖ ସବୁ ଗଣ୍ଠି ପଡ଼ିଯାଇ ଟଣା ଓଟରାରେ ଛିଣ୍ଡିଗଲା ।

ଏହିପରି ରକ୍ତଝରା ଲଢ଼େଇ ଚାଲିଲା । ଡଗର ସୈନ୍ୟ ଭିତରୁ କେତେକଙ୍କର ନଖ ଉପୁଡ଼ିଗଲା ତ ଚୌ ସୈନ୍ୟଙ୍କ ଭିତରୁ କେତେକଙ୍କ ଦାଢ଼ି ମୂଳପୋଛ ହୋଇଗଲା ।

ଫୁଲଝରି ଗଛମୂଳେ ଯେଉଁ ସୈନ୍ୟମାନେ ଉଡ଼ାଓଟରା ଲଗେଇଥିଲେ ସେମାନେ ଝାଳ ନାଳରେ ନାକେଦମ୍ । ହଠାତ୍ ଫୁଲଝରିମୂଳେ ବାଘାମ୍ବରୀ ବିଜେ ହେଲେ ଏ ଚକ୍ରାନ୍ତ ବନ୍ଦ କରିବା ପାଇଁ । ଫୁଲଝରି ଗଛରୁ ଆଲୁଅ ଫସ୍ ଫସ୍ ହୋଇ ବାହାରିଲା । ଦାଢ଼ିଆ ଚୌ-ସୈନ୍ୟଙ୍କର ଦାଢ଼ି ପୋଡ଼ିଗଲା । ପୁଣି ନଖୁଆ ଡଗର ସୈନ୍ୟଙ୍କ ନଖସବୁ ସାଫ ହୋଇଗଲା । ସେମାନେ ପ୍ରାଣବିକଳରେ ଗଛମୂଳ ଛାଡ଼ି ଘାରଭୁର ସହିତ ପଳେଇବାକୁ ଲାଗିଲେ । ଢ ଦଳର ଲଢୁଆ ସୈନ୍ୟମାନେ ଫୁଲଝରି ମୂଳେ ଭୟଙ୍କର ଆଲୁଅ ଜଳିବାର ଦେଖିଲେ ।

ଅସଂଖ୍ୟ ଫୁଲଝରିବାଣର ଆଲୁଅରେ ସାରାଗଛ ଜଳୁଛି । ତା ମୂଳେ ଭୟଙ୍କରୀ ଭୈରବୀ ବେଶରେ ବାଘାମ୍ବରୀ ଠିଆ ହୋଇଛନ୍ତି । କି ପ୍ରଳୟ ରୂପ ତାଙ୍କର । କେତେବେଳେ କି ରୂପରେ ଦେଖାଯାଉଛନ୍ତି କହିପାରିବ ନାହିଁ । ଏ ଦୃଶ୍ୟ ଦେଖି ଢ ଦଳର ସୈନ୍ୟମାନେ ପ୍ରାଣବିକଳରେ ସେ ସ୍ଥାନରୁ ହଟିଗଲେ । ରଡ଼ିଛାଡ଼ି ପଡ଼ିଗଡ଼ି ପଡ଼ି ଉଠି ଚିତ୍‌ପଟାଙ୍ଗ୍ ମାରି ଉଡ଼ନ୍‌ଛୁ ।

ନିଜ ନିଜ ଡେରା ଭିତରେ ଲୁଚି କଣେଇ କଣେଇ ଟେରେଇ ଟେରେଇ ଚାହିଁ ରହିଲେ । ମାର୍ଶାଲ କଟରସିଂ, ଜେନେରାଲ ଫଟ୍‌ଫଟ୍‌ସିଂ ଆଖିତରାଟି ଆବାକାବା ହୋଇ ଚହିଁକି ପଡ଼ିଲେ । ସୈନ୍ୟମାନେ ନିଜ ନିଜର ପୋଡ଼ା ନଖଦାଢ଼ିକୁ ଆଉଁସି ଆଉଁସି ସାଉଁଳେଇଲେ ।

ଏଇ ସମୟରେ ଏକ ନୂଆ ମେଜିକ୍ ହେଲା । ଚୌମାନଙ୍କର ରାଜ୍ୟସୀମା ଆଡ଼କୁ ଥିବା ଫୁଲଝରି ଡାଳରୁ ରସାଳିଆ ରସଗୋଲାଗୁଡ଼ାକ ଟେକାପରି ଛୁଟିଯାଇ ଚୌସୈନ୍ୟମାନଙ୍କ ପାଟିରେ ମାଡ଼ ହେଲା । ସେମାନେ ଗ୍ଲେବେଇଲେ ବୋବେଇଲେ ରଡ଼ିଲେ ଗଡ଼ିଲେ ।

ପୁଣି ଫୁଲଝରି ଗଛର ଆଉ ଅଧିକ ଡାଳ ଉଗରପଡ଼ା ରାଜ୍ୟ ସୀମା ଆଡ଼କୁ ଥିଲା । ସେଥିରୁ ଖାଲି ଟେଳା ଟେଳା ମାଂସ ଚପ୍ ଗଦାପରି ଛୁଟିକି ଯାଇ ଚେଙ୍ଗେଇ ଯାଇ ଉଗର ସୈନ୍ୟମାନଙ୍କ ଲଦିଦେଲା । ସେମାନେ ରେକ୍ଟିଲେ ଚକ୍ଟିଲେ ଗୁଟିଲେ ମନ୍ଥିଲେ ରନ୍ଧିଲେ ଆଉ ପୁଣି ବୁନ୍ଦେଇ ହେଲେ ।

ଏଇ କଳି କଜିଆ ଦଙ୍ଗାଗୋଳ ଚାଲିଥିବାବେଳେ କାଜି ଗଫର ମିଆଁ ସାହେବ ତାଙ୍କର ସୁତାସରୁ ତେହେରଟି ଧରି ଖଟିଆ ଉପରେ ନବରେ ଶୋଇଥିଲେ । ସେ ଗୋଟାଏ ଅନାଡ଼ ସପନ ଦେଖି ହଠାତ୍ ବାଉଳାରେ ଖଟିଆ ଉପରୁ ଗଡ଼ି ପଡ଼ିଲେ । ତାଙ୍କ ଆଖିରେ ଚଷମା ଥିଲା । ଗୁଣ୍ଡ ଉପରେ ଆଇନ୍ ଆକବରୀ ଥିଲା । ସେ ରୋଜା ପାଳୁଥିଲେ ବୋଲି ପେଟ ଭିତରେ ଭୋକ ଉପାସ ଥିଲା । ପେଟ ଉପରେ ଉମର-ଖୈୟାମ୍ କବିତା ବହିଥିଲା ।

କାଜିଙ୍କ ଗଡ଼ିଯିବା ସାଙ୍ଗେ ସାଙ୍ଗେ ଚଷମା କାଚ ଭାଙ୍ଗିଲା । ସପନର ରଙ୍ଗୀନ୍ ମୀନାର ଚୁରମାର ହେଲା । ଏହି ସମୟରେ ଲଢୁଆ ସୈନ୍ୟମାନଙ୍କ ଗର୍ଜନ ତାଙ୍କ କାନରେ ଠାଇଁ ଠାଇଁ ହୋଇ ବାଜିଲା । ସେ ସେହି ମୁହୂର୍ତ୍ତରେ ସମନ ଜାରି କଲେ । ବାମନଦୂତ ଜୋକର ଡାକ୍ଡୁମାଡୁମ୍ ଚାଲିପକେଇ ଚୌ-ରାଜ ଇସ୍କାପାନ ଓ ଉଗର ରାଜ ଚିଡ଼ିଚନଙ୍କ ପାଖକୁ ଧପାଇଲା ।

ହୁଣ୍ଡାର ଚାଷ

ଶ୍ରୀମତୀ ସ୍ନେହଲତା ମହାନ୍ତି

ହୁଣ୍ଡା ବୋଲି ଲୋକଟିଏ ଥିଲା ଆମ ଗାଁଆରେ
ବାପ, ମାଆ କେହି ତା'ର ନ ଥିଲେ ତ ସାହାରେ ।

ଓଲୁଟାର ମୁଣ୍ଡେ ଆସି ବୁଦ୍ଧି ଏକ ଜୁଟିଲା
ଟଙ୍କା ଋଣ ଆଣିବାକୁ ଆର ଗାଁ ଛୁଟିଲା ।

ଘର ଡିହ ବନ୍ଧା ଦେଇ ଟଙ୍କା ଆଣି କରଜ
ତା ବାଗ ପଛକୁ କଲା ଏକ ପାନ-ବରଜ ।

ହଳ କରି ଗୋଡ଼ି ବାଛି ମାଟି କରି ସମାନ
ଲଗାଇଲା ପାନଗଛ କରି ଅତି ଯତନ ।

ଦୋହଲିଲା ପାନପତ୍ର ବାଆ ଯେବେ ବହିଲା
ପଡ଼ଶା ଘର ତା ଦେଖି ହସି ହସି କହିଲା ।

"ପାନ ଚାଷେ ଲାଭ ନାହିଁ ଧାନ ଚାଷ କରିଲେ
ଏକା ବରଷକେ ଯିବ ଘର ଚୋର ଭରରେ ।"

ଉପାଡ଼ିଲା ପାନ ଗଛ ପାନଚାଷ ପାଇଁକି
'ହରି' ଅଜା କହିଲେରେ ଏତେ ଖଟୁ କାହିଁକି ?

କଦଳୀ ଲଗାଇ ଦେଏ ଉପାଡ଼ି ଏ ଧାନକୁ
ଦେଖିବୁ କପରି ଲାଭ ହେବ ଆର ସନକୁ ।"

ଗୋଟ ଧାନ ଗଛଗୁଡ଼ା ଉପାଡ଼ ତା ବୋଲରେ
କଦଳୀ ଲଗାଇ ଦେଲା ଦେଇ ହରି ବୋଲରେ ।

ପଧାନ ଘରର ଜୋଇଁ ଦେଖି ସେହି ବାଗନା
କହିଲେରେ "ହୁଣ୍ଡା ଭାଇ ଚାଷକୁ ଏ ଲାଗେନା ।

ଥରେ ଫଳ ମରିବ ଏ ଲାଭ ନାହିଁ ଏଥିରେ
ଆମ୍ବ ଚାଷ ଭଲ ତୁମେ ଚଳିଯିବ ସେଥିରେ ।



ସାତଟି ପୁରୁଷଯାଏ ସେହି ଗୃଷେ ଚଳବ
ଖାଇ ସାର ବଳଦେବ ଯାହା କହୁ ବଳବ ।”

ଟିକ୍ ଠିକ୍ କହି ହୁଣ୍ଡା ହାଣି ଦେଲା କଦଳୀ
ଆମ୍ଭ ଗୃଷ କଲେ ତା’ର ଭାଗ୍ୟ ଯିବ ବଦଳି ।

ଗୃଷ-ବିଭାଗର ବାବୁ ସେ ଦିନ ଯେ ଆସିଲେ
ହୁଣ୍ଡା କଥା ଶୁଣିକରି ହସି ହସି କହିଲେ ।

“ଆମ୍ଭ ତ କରିଲୁ ଗୃଷ ପୁଅ, ନାତି ପାଇଁକି
କରଜ ଶୁଝିବା କଥା ମନେ ଚୋର ନାହିଁକି ?

ଉପାଡ଼ି ଏ ଗଛ ଲଗା ବାରମାସି ଫସଲ
ଧାନ, ମୁଗ, କୋଳଥରେ ଲାଭ ହେବ ଅସଲ ।

ଠଙ୍କା ମୁଣି ଖାଲି ‘ହୁଣ୍ଡା’ ଜଳ ଜଳ ଗୃହୁଁଛି
ଧାନ ଗୃଷ ପାଇଁ ଆଜ ଠଙ୍କା କାହୁଁ ପାଉଛି ।

ଗଛ ଲଗା ଉପୁଜାରେ ସରିଗଲା ଧନ ତ
ଫସଲର ଦେଖା ନାହିଁ ମରିଗଲା ମନ ତ ।

ଲଲୁ ସର୍ଦ୍ଦାର

ଭବାନନ୍ଦ ପଟ୍ଟନାୟକ

ତୁମର ଭଳି ପିଲାଟିଏ ସେ, ଗାଁର ଲଲୁ ସର୍ଦ୍ଦାର । ତା'ର ଅଧୀନରେ ପଚାଶ ଷାଠିଏ ପିଲା । ଗାଁର ଭଲ ମନ୍ଦ କାମଠାରୁ ଗୁଣ୍ଡାମି ଓ ମାରପିଟ୍ ସବୁଥିରେ ସେ ଧୁରନ୍ଧର । ଗାଁରେ ତାକୁ ଯେତିକି ଡରନ୍ତି ତା'ର ପରୋପକାର ଢଙ୍ଗ ପାଇଁ ପ୍ରଶଂସା ମଧ୍ୟ ସେତିକି କରନ୍ତି । ସନ୍ଧ୍ୟା ସମୟରେ ସ୍କୁଲ୍ ଛୁଟି ପରେ ସେ ତା'ର ଦଳବଳ ସହ ତାର ପ୍ରଧାନ ଆଡ୍ଡାସ୍ଥଳ ସରଜୁ ନଦୀର କୂଳରେ ପହଞ୍ଚି ଗୋଟିଏ ଉଚ୍ଚ ସ୍ଥାନରେ ସେ ବସେ ଆଉ ନିଚ୍ଚବାଲିରେ ଅନ୍ୟମାନେ ତାକୁ ଘେରି ବସନ୍ତି । ସେତେବେଳେ ତାକୁ ଯିଏ ଦେଖିବ ସେ ଭାବିବ ସତେ ଯେପରି ଜଣେ ରାଜା ତାର ଅନୁଚରବର୍ଗଙ୍କୁ ନେଇ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ । ସମସ୍ତେ ନିଜ ନିଜର ଆପତ୍ତି ତାଙ୍କର ଶ୍ରେଷ୍ଠ ସର୍ଦ୍ଦାରଟି ପାଖରେ ଜଣାନ୍ତି । ସେ ତା'ର ସମାଧାନ କରି ଯେଉଁ ଆଦେଶ ଦିଏ ତାକୁହିଁ ଶେଷ ଆଦେଶ ମାନି ତାର ଦଳର ବାନର ସେନା ଆଗେଇଯାନ୍ତି । ଯେଉଁ ସ୍ଥାନରେ ବିଫଳତା ଦେଖାଯାଏ ନିଜେ ଲଲୁ ସର୍ଦ୍ଦାର ସେ କାର୍ଯ୍ୟ ଭାର ନେଇ ନିଜର ସାହାସ ଓ ବୁଦ୍ଧିର ପରିଚୟ ଦେଇଥାଏ ।

ସେ ଦିନ ଲଲୁ ସର୍ଦ୍ଦାର ବୈଠକରେ କେତେ ଗୁଡ଼ିଏ ଅଭିଯୋଗ ଆସିଥାଏ । ଦଳ ମଧ୍ୟରୁ ନାଲୁ ଉଠି କହିଲା ସର୍ଦ୍ଦାର ପାଖ ଗାଁର ପିଲାମାନେ ଆମେ ଚାନ୍ଦା ଆଦାୟ କରି ଫେରୁଥିବା-ବେଳେ ଆମକୁ ଘେରିଯାଇ ବାଡ଼େଇ ଆମ ସାହାଯ୍ୟ ପାଣ୍ଠିରୁ ସବୁ ପଇସା ନେଇଗଲେ । ଲଲୁ ସର୍ଦ୍ଦାର ଗୋରା ତକତକ ମୁହଁଟି ରାଗରେ ଲାଲ୍ ପଡ଼ିଗଲା । ସେ ନିଜର ଆସନରୁ ଉଠି ପଡ଼ି କହିଲା ତୁମକୁ ଲାଜ ମାଡ଼ୁନାହିଁ ଏ କଥା କହିଲା ବେଳକୁ । ତୁମେ ସବୁ କ'ଣ କରୁଥିଲ ? ତୁମ ହାତରେ କଣ ବେଙ୍ଗ ବନ୍ଧା ହୋଇଥିଲା, ତୁମେ ତାଙ୍କୁ ବାଡ଼େଇଲନି; ମାଡ଼ ଖାଇ ଚାଲିଆସିଲ ! ନାଲୁ ତଳକୁ ମୁହଁ ପୋତି କହିଲା ନା ସର୍ଦ୍ଦାର ସେମାନେ ସଂଖ୍ୟାରେ ଆମଠାରୁ ବେଶୀ ଥିଲେ । ଆମେ ଚାରିଜଣ ସେମାନେ ଦଶଜଣ ହେଲେ ସେମାନଙ୍କୁ ଆମେ ଚିହ୍ନି ରଖିଛୁ । ଆମ ସାହାଯ୍ୟ ପାଣ୍ଠିର ଚାନ୍ଦା ଦଶଟଙ୍କା ନେଇଯାଇଛନ୍ତି । ଲଲୁ ସର୍ଦ୍ଦାର କହିଲା ବେଶ୍ ତା'ହେଲେ ଆମର ପରାକ୍ରମ ଦେଖାଇବା ବେଳ ଆସୁଛି । ନାଲୁ ତୁ ବଣି, ହରି, କେନ୍ଦୁ, ସୁଲୁ ଆଉ ଦଶଜଣଙ୍କୁ ନେଇ ସେ ମୋଡ଼ ଉପରେ ଥିବୁ । କାଲି ସେମାନେ ଦରମା ନେଇ ସ୍କୁଲକୁ ଗଲା ବେଳକୁ ତୁମେ ତୁମର ବଳ ପ୍ରୟୋଗ କରି ସବୁ ପଇସାପତ୍ର ଛଡ଼ାଇ ନେବ ଆଉ ସେଥିରୁ ଦଶଟଙ୍କା ରଖି ବାକିସବୁ ଫେରାଇ ଦେବ । ନାଲୁ କହିଲା ମାଷ୍ଟ୍ରେ ଯଦି କ'ଣ କହନ୍ତି । ଲଲୁ ସର୍ଦ୍ଦାର କହିଲା ଆମେ କ'ଣ କାହାର ଅପକାର କରୁଛୁ ଯେ ଆମକୁ କିଏ କ'ଣ କହିବ ।

ତା'ପରେ ବୁଲୁ ଉଠି କହିଲା, ସର୍ଦ୍ଦାର ସେ ପଧାନ ପଡ଼ାର ମୂର୍ତ୍ତି ବାଳକୁ ଭାରି ଜ୍ୱର । ମୁଁ କାଲି ସେଠାରେ ଥିଲି । ସେ ଯେତେବେଳେ ବହୁତ କାଉଳ ବାଉଳ ହେଲା, ମୁଁ ସିଧା ଡାକ୍ତର ପାଖକୁ ଦଉଡ଼ିଲି ।

ଡାକ୍ତର ପ୍ରଥମେ ଆସିବାକୁ ମଙ୍ଗୁନ ଥିଲେ, କିନ୍ତୁ ତୁମ ନା ଯେମିତି କହୁଛ ନା, ସର୍ଦ୍ଦାର ସେ ସାଙ୍ଗେ ସାଙ୍ଗେ ଆସି ଦେଖିଗଲେ, ଆଉ କହିଲେ ଟାଇଫଏଡ଼ଜ୍ୱର, ଏଥିପାଇଁ ଔଷଧ ପନ୍ଦର ଟଙ୍କାର କିଣିବାକୁ ପଡ଼ିବ । ବିଚରା ଗରିବ ବୁଢ଼ୀଟା ନ ହେଲେ ମରିଯିବ ସର୍ଦ୍ଦାର । ଲାଲୁ ସର୍ଦ୍ଦାର କହିଲା—ପନ୍ଦରଟଙ୍କା ନଅ ତା'ର ଫଳ ଓ ଔଷଧପତ୍ର କିଣାକିଣି କରିବ । ଏହା କହି ସେ ତାଙ୍କ ସାହାଯ୍ୟ ପାଣ୍ଠି ଗୁହାରୁ ଟଙ୍କା ବାହାର କରି ଦେଇ ଦେଲା । ଲାଲୁ ସର୍ଦ୍ଦାରର ଏ ସାହାଯ୍ୟ ପାଣ୍ଠି ସବୁଦିନ ଗରିବ ଦୁଃଖୀ ଓ ବେଳା ଅବେଳାରେ ପଡ଼ି କିଏ ଆସିଲେ ତାଙ୍କ ପାଇଁ ଖୋଲା ହୋଇଛି । ଏଥିପାଇଁ ସମସ୍ତଙ୍କର ସେ ଶ୍ରଦ୍ଧାର ପାତ୍ର ।

ତା'ପରେ ସୁଲୁ ଉଠି କହିଲା—ସର୍ଦ୍ଦାର, ମଦନ ସାହୁ ପାଖକୁ ଆଜି ଗୁହା ଆଦାୟ କରିବାକୁ ଯାଇଥିଲୁ ତାକୁ ଗୁହା ମାଗିଲାରୁ ସେ ମାରି ଗୋଡ଼ାଇଲେ । କହିଲେ ଏ ଛୁଆ ବେଳରୁ ମିଛ ଠକାମି ଆରମ୍ଭ କଲଣି, ବଡ଼ ହେଲେ କ'ଣ ନ କରିବ । ଯେମିତି ଚୋର ସର୍ଦ୍ଦାର ସେମିତି ଦଳ । ଏଥର ଲାଲୁ ସର୍ଦ୍ଦାରର କ୍ଷୁଦ୍ର ବଳିଷ୍ଠ ଶରୀରଟି ଫୁଲି ଉଠିଲା ତା'ର ନିନ୍ଦା । ପୁଣି, ତା' ଦଳର ନିନ୍ଦା, ପାଟି କରି ଉଠିଲା ଆଚ୍ଛା ଦେଖିବା ସେ ସାହୁ ପୁଅ ଠକ କେତେ ପଇସା ରଖିବ । ପଇସା ବଳରେ ଲୋକ ଚିହ୍ନୁନି ଦୁଲୁ, ମୁନା, କୁନା ଆଜି ସମସ୍ତେ ମୋ ସାଙ୍ଗରେ ଆସିବ ତା' ବାଡ଼ିର ଯେତେ ସବୁ ପିଜୁଳି, ବାଇଗଣ ସବୁ ଯେପରି ଆମ ହାତରେ ପଡ଼େ । ସେଗୁଡ଼ିକ କାଲି ହାଟରେ ବିକି ଯାହା ପଇସା ହେବ ସବୁ ସାହାଯ୍ୟ ପାଣ୍ଠିରେ ରହିବ । ଚୋରିଅଣା ପଇସା ଦେଲାନି ଏଥର ଲାଲୁ ସର୍ଦ୍ଦାରକୁ ଚିହ୍ନିବ । ଲାଲୁ ସର୍ଦ୍ଦାର ବୈଠକରେ ଏ ଘଟଣା କିଛି ନୂଆ ନୁହେଁ, ପ୍ରାୟ ସପ୍ତାହକୁ ଥରେ ଅଧେ ଲାଲୁ ସର୍ଦ୍ଦାର ପରାକ୍ରମ ଦେଖାଇ ଥାଏ ।

ହଠାତ୍ ଦିନେ ଶୁଣାଗଲା ଗାଁ ନଈରେ ବଢ଼ି ପାଣି ଆସୁଛି । ଗାଁ ଯାକ ଆତଙ୍କ । ଘୋର ବାତ୍ୟା । ଝିପି ଝିପି ବର୍ଷା । ନାଲୁ, ଲାଲୁ ଘର ପାଖରେ ପାଟି କରି ଉଠିଲା ସର୍ଦ୍ଦାର, ସର୍ଦ୍ଦାର ଆମ ଗାଁ ଆଜି ବୁଡ଼ିଯିବ, ସର୍ଦ୍ଦାର ଭାସିଯିବ । ଲାଲୁ ସର୍ଦ୍ଦାର ବାହାରି ଆସି କହିଲା—କ'ଣ ଗାଁ ଭାସିଯିବ ? ହଁ, ସର୍ଦ୍ଦାର ସମସ୍ତେ ଉଚ୍ଚ ଜାଗାକୁ ଚାଲିଗଲେଣି । ଆମ ଦଳର ସମସ୍ତେ ସେ ଗଛ ମୂଳରେ ଅଛନ୍ତି ତୁମ ସଙ୍ଗରେ ଯିବେ ବୋଲି । ଲାଲୁ ସର୍ଦ୍ଦାର କହିଲା ସମସ୍ତେ ଚାଲିଗଲେ ଆଚ୍ଛା ଚାଲ ଆମେ ଦଳ ବଳ ସହ ଟିକେ ନଈ କୂଳ ଦେଖି ଆସିବା । ନାଲୁ କହିଲା ଏତେ ପାଣି ସେଠିକି ଯିବା ! ଲାଲୁ ସର୍ଦ୍ଦାର କହି ଉଠିଲା କ'ଣ ତୁ ପାଣିକୁ ଡରୁଛୁ, ଲାଲୁସର୍ଦ୍ଦାର ତୋ ପାଖରେ ଥାଉଁ ଥାଉଁ । ଏତିକି କହି ନିଜର ଦଳ ବଳ ନେଇ ନଈ କୂଳରେ ପହଞ୍ଚିଲା ଲାଲୁ । ବନ୍ଧ ଗୋଟିଏ ପାଖ ଖାଇଆସିଲାଣି ଅଳ୍ପ କେତେଜଣ ବାଲି ବସ୍ତା ପକାଇ ପକାଇ ଆଶାଶୂନ୍ୟ ହୋଇ ବସିଲେଣି । ହଠାତ୍ ଏତେ ବଡ଼ ଗୋଟିଏ ଦଳକୁ ଦେଖି ଇଞ୍ଜିନିୟର ସାହେବ ଓ ସେଠାର କର୍ମଚାରୀମାନଙ୍କ ମନରେ ସାହସ ପଶିଲା । ବାଲିବସ୍ତା ବୁହାହୋଇ ପଡ଼ିଲା ଲାଲୁସର୍ଦ୍ଦାର ଦଳର ସାହସ ଦେଖି ସମସ୍ତେ ପ୍ରଶଂସା କରିବାକୁ ଲାଗିଲେ । ନଈର ପାଣି କମି ଆସିଛି । ବାଲିବସ୍ତା ପଡ଼ି ବନ୍ଧଟି ରହିଯିବା ଭଳି ଦିଶିଲାଣି । ଇଞ୍ଜିନିୟର ସାହେବ ବନ୍ଧ ପରୀକ୍ଷା କରୁ କରୁ ହଠାତ୍ ପାଟି କରି ଉଠିଲେ—ବନ୍ଧର ଗୋଟିଏ ପାଖରେ ତଳଆଡ଼ୁ ମାଟି ଖସୁଛି, ପାଞ୍ଚ ଛଅଟା ବାଲିବସ୍ତା ଦରକାର କିନ୍ତୁ ବାଲିବସ୍ତା ପକାଇବ କିଏ ? ପାଖରେ ଗୋଟିକ ଭଉଁରି ଖେଳୁଛି । ବନ୍ଧ ଉପରୁ ଖସିଗଲା ଟିକିଏ ଗୋଡ଼



ଏପଟ ସେପଟ ହେଲେ ଭଉଁରୀରେ ପଡ଼ି ପ୍ରାଣ ଯିବ । କେହି ବସ୍ତା ପକାଇବାକୁ ଆଗଭର ହେଲେ ନାହିଁ । ଲାଲୁସର୍ଦ୍ଦାର ସାନ ମୁଣ୍ଡରେ ଖେଳିଗଲା ଏତେ ପରିଶ୍ରମ ବୃଥା ହେବ । ଏ ସାମାନ୍ୟ କାର୍ଯ୍ୟପାଇଁ ତା ଗାଁଆଟି ବୁଡ଼ିଯିବ ! କିଏ ସେ ରକ୍ଷା କରିବ ତା ଗାଁଆକୁ । ଆଗଭର ହୋଇ ବାହାରିଲା ଲାଲୁସର୍ଦ୍ଦାର ସମସ୍ତଙ୍କ ଅବାଧ ହୋଇ । ଗୋଟି ଗୋଟି କରି ଚାରିଟି ବସ୍ତା ଅପୂର୍ବ କୌଶଳରେ ପକାଇଲା । ସମସ୍ତଙ୍କ ମୁହଁରେ ବାହା ବାହା ଶବ୍ଦ । ଇଞ୍ଜିନିୟର ସାହେବ ପ୍ରଶଂସା କରି କହିଲେ ଆଉ ଗୋଟିଏ ବାଲିବସ୍ତା ହେଲେ ଆଉ ଭୟ ନାହିଁ । ନିଜର କ୍ଲାନ୍ତ ଶରୀର ଉପରେ ବାଲିବସ୍ତା ଲଦିଦେଇ ଆଗେଇ ଚାଲିଲା, ଲାଲୁସର୍ଦ୍ଦାର ପୂର୍ବ ଭଳି ବସ୍ତାଟି ପକାଇବା ସମୟରେ ଭାର ସମ୍ଭାଳି ପାରିଲା ନାହିଁ । ମୁହୂର୍ତ୍ତକ ମଧ୍ୟରେ ସେ ଆସି ଭଉଁରୀ ମଧ୍ୟରେ ପଡ଼ିଲା । ତା'ର ଦଳର ପିଲାମାନଙ୍କର ବିକଳ କରୁଣ ଚିତ୍କାର ସର୍ଦ୍ଦାର ସର୍ଦ୍ଦାର ଧ୍ୱନିରେ ନଦୀକୂଳ ଥରି ଉଠିଲା; କିନ୍ତୁ ଲାଲୁସର୍ଦ୍ଦାର ସେତେବେଳକୁ ଭଉଁରୀ ମଧ୍ୟରେ ଉଭେଇ ଯାଇଥିଲା ।

Digitization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ଅଳସୁଆ ହେବା ଫଳ

ହରବନ୍ଧୁ ପ୍ରଧାନ

କୁନ, ମିନ, ଟିନ, ସରଳା, ଶିଳୁ
ଜୟନ୍ତୀ, ବାସନ୍ତୀ, ଭାନୁ
ନଟ, ବଟ, ଜଟ ଶଇଳ, ସର
କମଳୀ, କାକଳୀ ଅନୁ—
ଯେତେ ପିଲା ଥିଲେ ଘେରିଲେ ବସି
ଡମଣା ଅଜାକୁ ଦିନେ,
କାହାଣୀ ଶୁଣିବେ କହିଲେ ହସି
ଗୋଡ଼ ଘଷି ଦେଲା ଜଣେ ।
ଖୁଉଁ, ଖୁଉଁ କାଶି କହିଲେ ଅଜା—
"ଶୁଣ ପିଲେ ମନ ଦେଇ,
କଥାଟି ଶୁଣିଲେ କେବେ ହେଁ ତମେ
ଅଳସୁଆ ହେବ ନାହିଁ ।
ଝଙ୍କାଳିଆ ଗଛ ପୂରୁବ ଦିଗେ
ଦେଖୁ ଅଛ ତମେ ଯାହା,
ରହୁଥିଲେ ଆଗେ ଗଣ୍ଡିରେ ସେଠି
ବାଇଆ ଚଢ଼େଇ, କୁଆ ।
ବାଇଆ ଜାଣିଲା ବରଷା ଋତୁ
ଆସିଯିବ କିଛି ଦିନେ,
ଅଳସୁଆ ନୋହି ଗୋଟିଏ ବସା
ତିଆରିକଲା ଯତନେ ।
ଖାଇବା ଜିନିଷ ରଖିଲା ଆଣି
ଜାଣିଥିଲା ସିଏ ଯେଣୁ,
ଘୋର ବରଷାରେ ଖାଇବା ପାଇଁ
ମିଳିବ ନ ତାକୁ କେଣୁ ।

ଅଳସୁଆ କୁଆ   ଫୁର୍ତ୍ତି ମାରି
ବୁଲୁଥାଏ ଗାଁଆଁ ଗାଆଁ,
ଏଣୁ ଖୁଦ ତେଣୁ—   ଶୁଖିଲା ଭାତ
ଖାଇ କରେ କାଆ କାଆ
ଘୋର ଗରଜନେ   ବରଷା ହେଲା
ପାଣି ବହେ ଧାର ଝର
ସାଁଇଁ ସାଇଁ ସାଇଁ   ପବନ ବହି
ଗଛ ହେଲା ମର ମର ।
ଚଡ଼୍ ଚଡ଼୍ ଚଡ଼୍   ବିଜୁଳି ମାରିଲା
ଦୁଲୁକି ଉଠିଲା ଗଛ
ପାଣି ଖାଲି ପାଣି   ଦେଶଯାକ
ସେତେବେଳେ ଥିଲା ସତ ।
ବାଇଆ ଶୋଇଛି   ବସାରେ ତା'ର
ପାଣିକୁ ନାହିଁ ଖାତର
ପବନରେ ବସା   ଦୋହଲୁ ଅଛି
ଟିକେହେଲେ ନାହିଁ ଡର ।
ଥୁରୁ ଥୁରୁ ଥୁରୁ   ଥରିଲା କୁଆ
ପାଣି ଓ ପବନ ଖାଇ
ଏତେବେଳେ ସିଏ   ଭାବିଲା ବସି
'ବସାଟିଏ କଲି ନାହିଁ...'
ବାଇଆ ପାଖକୁ   ଧାଇଁଲା କୁଆ
ବାଇଆ କହିଲା 'ଭାଇ...
ଛୋଟ ବସା ମୋର   ଏଥିରେ ତୋର
ଦେହ ତ ଧରିବ ନାହିଁ ।'
ଶୁଣୁଅଛ ପିଲେ...   କହିଲେ ଅଜା
ଅଳସୁଆ ଯଦ ହେବ
କୁଆପରି ତମେ   ଜୀବନ ସାରା
ଦୁଃଖ ଖାଲି ପାଉଥିବ ।